ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK | ପର୍ଯ୍ୟବେକ୍ଷକ

Vol.26 . No.136 Bhubaneswar Wednesday July 05 2023 | ୨୬ତମ ବର୍ଷ ସଂଖ୍ୟା–୧୩୬ ଭୁବନେଶ୍ୱର, ବୁଧବାର, ଜୁଲାଇ ୦୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ପାଣ୍ଡିଆନଙ୍କ ଗସ୍ତ ବିରୋଧରେ ସ୍ୱର ଶାଣିତ କରିବାରେ ବିରୋଧୀ ବିଫଳ, କର୍ମୀଙ୍କ ସାଥ୍ ଛାଡିଦେଲା ଆପ୍



ଭୁବନେଶ୍ୱର,୪।୭(ପି.ଏନ): ବିଭିନ୍ନ ଜିଲ୍ଲା ଗସ୍ତ କରି ଭବ୍ୟ ସମ୍ବର୍ଦ୍ଧନା ସହ ସାଧାରଣ ସଭା ଓ ପ୍ରକଳ୍ପ ଘୋଷଣା କରୁଥିବା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କ ବିରୁଦ୍ଧରେ ବିରୋଧୀ ଦଳଗୁଡିକର ସ୍ୱର ଧୀରେଧୀରେ ଦୁର୍ବଳ ହେବାରେ ଲାଗିଛି । ଏପଟେ ଆଜି ପାଣ୍ଡିଆନଙ୍କ ସୋନପୁର ଜିଲ୍ଲା ଗସ୍ତକୁ ବିରୋଧ କରି ତାଙ୍କ ଗାଡି ଉପରକୁ ଅଣ୍ଡା ମାଡ କରିଥିବା ଦଳୀୟ କର୍ମୀମାନଙ୍କଠୁ 'ଆମ୍ ଆଦମୀ ପାର୍ଟି' ନିଜକୁ ଦୂରେଇ ରଖିଛି । ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସହ ସାଧାରଣ ସଭା ଓ ପ୍ରକଳ୍ପ ଘୋଷଣା ଆଦିକୁ ଗଣତନ୍ତ୍ର ବିରୋଧୀ କହି କେନ୍ଦ୍ର ସରକାରଙ୍କ ପାଖରେ ଫେରାଦ ହୋଇଥିବା ଉଭୟ ବିଜେପି ଓ କଂଗ୍ରେସ ଏବେ ନିଜର ସମାଲୋଚନାକୁ ଅଧିକ ଶାଣିତ କରି ଜନମତ ସୃଷ୍ଟି କରିବା ଅବା ଆଇନଗତ ପଦକ୍ଷେପ ନେବା ବଦଳରେ କେବଳ ଗଣମାଧ୍ୟମ ସହାୟତାରେ ପ୍ରସଙ୍ଗକୁ ଉଜ୍ଜୀବିତ ରଖିବାକୁ ପ୍ରୟାସ କରିଛନ୍ତି । ସେପଟେ ପାଣ୍ଡିଆନଙ୍କ ସପକ୍ଷରେ ଶାସକ ବିଜେଡିର ବରିଷ୍ଠ ନେତାମାନେ ଆଗକୁ ଆସି ତାଙ୍କର ଭବ୍ୟ ବ୍ୟୟବହୁଳ ଜିଲ୍ଲାଗସ୍ତ ଉପରେ ମୋହର ଲଗାଇବା ପରେ ବିରୋଧୀଙ୍କ ସ୍ୱର ନରମିବାରେ ଲାଗିଛି । ସବୁ ବିରୋଧ ଓ କେନ୍ଦ୍ରର ନୋଟିସକୁ ବେଖାତିର କରି ପାଣ୍ଡିଆନ ନିଜର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଜାରି ରଖିଛନ୍ତି ।ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପାଣ୍ଡିଆନ ଆଜି ସୋନପୁର ଜିଲ୍ଲା ଗସ୍ତରେ ଯାଇଥିବାବେଳେ ଆସନ୍ତାକାଲି ବୌଦ୍ଧ, ଜୁଲାଇ ୧୨ରେ ସମ୍ବଲପୁର ଓ ଜୁଲାଇ ୧୬ରେ ଦେବଗଡ ଜିଲ୍ଲା ଗସ୍ତ କରି ରାତ୍ରି ରହଣୀର କାର୍ଯ୍ୟକ୍ରମ ରହିଛି । ଇତିମଧ୍ୟରେ ଜୁନ୍ ୨୯-୩୦ରେ ଜଗତସିଂହପୁର ଜିଲ୍ଲା, ବରଗଡକୁ ଜୁନ୍ ୨୫-୨୬, ବାଲେଶ୍ୱର ଜୁନ୍ ୨୨-୨୩, କନ୍ଧମାଳ ୧୬-୧୭, ଭଦ୍ରକ ୧୧-୧୨ ଓ କେନ୍ଦୁଝର ଜୁନ୍ ୯-୧୦ରେ, ରାୟଗଡା ଜୁନ୍ ୬-୭,ମେ' ୨୦-୨୧ରେ କଳାହାଣ୍ଡି ଓ ନୂଆପଡା, କେନ୍ଦ୍ରାପଡା ଜିଲ୍ଲାକୁ ଏପ୍ରିଲ ୨୭-୨୮ରେ ଗସ୍ତ କରିଥିବା ଶ୍ରୀ ପାଣ୍ଡିଆନ ଚଳିତ ଜୁଲାଇ ମାସ ଶେଷ ସୁଦ୍ଧା ରାଜ୍ୟର ସବୁ ଜିଲ୍ଲାରେ ରାତି ରହଣୀ କରିବେ ବୋଲି ଜଣାପଡିଛି । ଶ୍ରୀ ପାଣ୍ଡିଆନ ନିଜର ଭବ୍ୟ କାର୍ଯ୍ୟକ୍ରମକୁ ଜାରି ରଖିଥିବାବେଳେ ଶାସକ ବିଜେଡି ଏବେ ତାଙ୍କ ସମର୍ଥନରେ ଆଗକୁ ଆସି ବିରୋଧୀ ଦଳକୁ ମୁକାବିଲା କରିବ ବୋଲି ସଙ୍କ?ତ ଦେଇଛି । ବରିଷ୍ଠ ବିଜେଡି ନେତା ଅତନୁ ସବ୍ୟସାଚୀନ ନାୟକ, ଦେବୀପ୍ରସାଦ ମିଶ୍ର ଓ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଶ୍ରୀ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସପକ୍ଷରେ ଗଣମାଧ୍ୟମରେ ବୟାନ ଦେଇ ଦଳ ତାଙ୍କ ସପକ୍ଷରେ ରହିଥିବାର ସନ୍ଦେଶ ଦେଇଛନ୍ତି । ଯଦିଓ ବିରୋଧୀ ବିଜେପି ଏହି ପ୍ରସଙ୍ଗରେ ବିଜେଡିର ବରିଷ୍ଠ ନେତାମାନଙ୍କୁ ଆକ୍ଷେପ କରିଛି ତଥାପି ଦଳ ଏ ଦିଗରେ ଶ୍ରୀ ପାଣ୍ଡିଆନଙ୍କୁ ପୂର୍ଣ୍ଣ ସମର୍ଥନ ଦେବ ତଥା ବିରୋଧୀଙ୍କୁ ମୁହଁତୋଡ୍ ଜବାବ ଦେବା ନେଇ ରଣନୀତି ପ୍ରସ୍ତୁତ କରିଥିବା ସୂଚନା ମିଳିଛି । ସୋମବାର ସନ୍ଧ୍ୟାରେ ନବୀନ ନିବାସରେ ଅନୁଷ୍ଠିତ ବୈଠକରେ ଏଭଳି ନିଷ୍ପତ୍ତି ହୋଇଥିବାର ଆଭାସ ମିଳିଛି । ଶ୍ରୀ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତକୁ ନେଇ ବିରୋଧୀ ଦଳଗୁଡିକ ପ୍ରାରମ୍ଭିକ ଭାବେ ଯେଭଳି ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରୁଥିଲେ ତାହା ଧୀରେଧୀରେ ଦୁର୍ବଳ ହୋଇଛି । ଆଉ ଉଭୟ ବିଜେପି ଓ କଂଗ୍ରେସର ନେତାମାନେ ଏ ଦିଗରେ ଆଇନଗତ ଲଢ଼େଇ ଅବା ଲୋକଙ୍କ ପାଖକୁ ଯାଇ ଲଢ଼େଇ କରିବା ପରିବର୍ତ୍ତ ? କେବଳ ଗଣମାଧ୍ୟମକୁ ମୋହରା କରି ନିଜର ରାଜନୀତିକ ବୟାନବାଜି ଜାରି ରଖିଛନ୍ତି । ରାଜ୍ୟରେ ଗଣତନ୍ତ୍ର ଭୁଷୁଡି ପଡିଛି, ଶାସନ ବ୍ୟବସ୍ଥା ହାଇଜ୍ୟାକ୍ ହୋଇଛି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିୟନ୍ତ୍ରଣରେ ରାଜ୍ୟ ସରକାର ନାହିଁ ବୋଲି କହୁଥିବା ବିରୋଧୀଦଳଗୁଡିକୁ ଏହି ପ୍ରସଙ୍ଗରେ କାହିଁକି ଜନମତ ସୃଷ୍ଟି କରିବାରେ ସକ୍ଷମ ହେଉନାହାନ୍ତି ତାହା ଏବେବି ଅସ୍ପଷ୍ଟ ଓ ସାଧାରଣରେ ବିରୋଧୀ ଦଳଗୁଡିକର ଆଭିମୁଖ୍ୟକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ସେହିପରି ଶ୍ରୀ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତକୁ ବିରୋଧ କରି ପ୍ରଥମଥର ପାଇଁ ଆଗକୁ ଆସିଥିବା ଆମ୍ ଆଦମୀ ପାର୍ଟିର କର୍ମୀମାନେ ସୋନପୁରରେ ଅଣ୍ଡାମାଡ କରିଥିବାର ଅଭିଯୋଗ ହୋଇଛି । ତେବେ ଆଶ୍ଚର୍ଯ୍ୟଜନକ ଭାବେ ଏହି ଅଣ୍ଡାମାଡ ଘଟଣାକୁ ଆମ୍ ଆଦମୀ ପାର୍ଟି ଓଡିଶା ଶାଖା ନିନ୍ଦା କରିବା ସହ ତାଙ୍କ ଦଳ ଅଣ୍ଡାମାଡ କିମ୍ବା ହିଂସାତ୍ମକ ପନ୍ଥାରେ ବିଶ୍ୱାସ କରେ ନାହିଁ ବୋଲି ଦଳର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି । ଶ୍ରୀ ପାଣ୍ଡିଆନ ଏବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଜିଲ୍ଲା ଗସ୍ତ କରୁଛନ୍ତି, ସେଥିରେ ରାଜନୀତିକ ଭୂମିକା ରହୁଛି । ନବୀନ ସରକାରକୁ ତାଙ୍କ ଦଳ ବିରୋଧ କରୁଛି । କିନ୍ତୁ ଅଣ୍ଡାମାଡ କରିବା ଦଳର ନୀତି ବିରୁଦ୍ଧ କାମ । କେଉଁ କର୍ମୀମାନେ ଏହି ଅଣ୍ଡାମାଡ କରୁଛନ୍ତି ତା'ର ଖୋଳତାଡ ଓ ସମୀକ୍ଷା କରାଯାଉଛି । ଏଥିରେ ସମ୍ପୃକ୍ତ ଥିବା କର୍ମୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ପ୍ରଶ୍ନ ଉଠୁଛି, କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଓ ବିରୋଧୀ ଦଳଗୁଡିକର ବିରୋଧ ସତ୍ତ୍ୱେ ଶ୍ରୀ ପାଣ୍ଡିଆନ ନିଜର ଭବ୍ୟ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଜାରି ରଖିଥିଲେ ମଧ୍ୟ ଉଭୟ ବିଜେପି ଓ କଂଗ୍ରେସର ସ୍ୱର କାହିଁକି ଅଧିକ ଶାଣିତ ହେବା ପରିବର୍ତ୍ତ ? କୋହଳ ହୋଇଯାଇଛି । ଯାହାକୁ ନେଇ ସାଧାରଣରେ ନାନାଦି ଚର୍ଚ୍ଚା ଜୋର ଧରିଛି ।

## ଦୁର୍ଘଟଣାର ହେବ ସାଇଣ୍ଟିଫିକ ଇନଭେଷ୍ଟିଗେସନ, ତିଆରି ହୋଇଛି ଇଣ୍ଟିଗ୍ରେଟେଡ ରୋଡ୍ ଆକ୍ସିଡେଣ୍ଟ ଡାଟାବେସ୍ ଆପ୍



ଭୁବନେଶ୍ୱର,୪।୭(ପି.ଏନ): ଦୁର୍ଘଟଣା ହ୍ରାସ କରିବା ଓ ଦୁର୍ଘଟଣାର ପ୍ରଥମ ଏକ ଘଣ୍ଟା ବା ଗୋଲଡେନ ଆୱାରରେ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରକ୍ଷକ ଯୋଜନା ଆରମ୍ଭ ହୋଇଛି । କିନ୍ତୁ ସଡକ ଦୁର୍ଘଟଣା ପରେ କିପରି ସାଇଣ୍ଟିଫିକ୍ ଇନଭେଷ୍ଟିଗସନ ହୋଇପାରିବ ସେ ନେଇ ପୋଲିସ ଓ ପରିବହନ ଅଧିକାରୀଙ୍କୁ ଦିଆଯାଇଛି ସ୍ୱତନ୍ତ୍ର ତାଲିମ । ସଡକ ଦୁର୍ଘଟଣାର ହେବ ସାଇଣ୍ଟିଫିକ୍ ଇନଭେଷ୍ଟିଗେସନ୍ । ତିଆରି ହୋଇଛି ଇଣ୍ଟିଗ୍ରେଟେଡ ରୋଡ୍ ଆକ୍ସିଡେଣ୍ଟ ଡାଟାବେସ୍ ଆପ୍ । ରୋଡ୍ ଇଞ୍ଜିନିୟରିଂରେ ଆସିବ ବ୍ୟାପକ ସୁଧାର । ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ଚିନ୍ତାର କାରଣ ପାଲଟିଛି । ବର୍ଷକୁ ପାଖାପାଖି ୫ ହଜାର ଲୋକଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ହେଉଛି । ଦୈନିକ ୧୫ ଜଣଙ୍କ ମୁଣ୍ଡ ଗଡୁଛି । ଏଥିରେ ରୋକ ଲଗାଇବା ଓ ତତ୍କାଳ ଚିକିତ୍ସା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ରକ୍ଷକ । ସେପଟେ ଆହୁରି କ୍ରିୟାଶୀଳ କରିବା ପାଇଁ ସରକାର ଆଣିଛନ୍ତି କ୍ରାସ୍ ଇନଭେଷ୍ଟିଗେସନ ପଲିସି । ଦୁର୍ଘଟଣାରେ ଏକାଧିକ ଲୋକ ମୃତାହତ ହେଲେ ସ୍ୱ?ଶାଳ ଟିମ୍ ତଦନ୍ତ କରିବ । ଟିମ୍ ରେ ଜଣେ ପୋଲିସ ଅଧିକାରୀ, ଇଞ୍ଜିନିୟର, ଜଞ୍ଜଙ୍ଗ ଓ ଜଣେ ବୈଷୟିକ ଅଧିକାରୀ ସାମିଲ ହେବେ । ୮ ଟି ଦିଗକୁ ନେଇ ୧୦ ଦିନ ଭିତରେ ପୋଲିସ ଆଇଜିକୁ ଏ ସମ୍ପର୍କିତ ରିପୋର୍ଟ ପ୍ରଦାନ କରାଯିବ । ପରିବହନ ବିଭାଗ ଓ ପୋଲିସ କର୍ମଚାରୀଙ୍କୁ ଏ ସମ୍ପର୍କିତ ତାଲିମ ପ୍ରଦାନ କରିଛନ୍ତି ବିଶେଷଜ୍ଞ ।ଦୁର୍ଘଟଣା ସମ୍ପର୍କିତ ସମସ୍ତ ଡାଟା ଓଜଇଡ଼ ଆପ୍ଲିକେସନରେ ରହିବ । ଯାହା ଫଳରେ ଦୁର୍ଘଟଣାର ପ୍ରକୃତ କାରଣ, ତଦନ୍ତର ଦିଗ, କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦିଗରେ ସହାୟକ ହେବ । ସେହିପରି ଶୃଙ୍ଖଳିତ ଗାଡି ଚଳାଚଳ ଦିଗରେ ଟ୍ରାଫିକ ଭାୟୋଲେସନ ଡିଟେକ୍ଟର ସିଷ୍ଟମ କାମ କରିବ । ସିସିଟିଭି ଆଧାରରେ ଇ-ଚାଲାଣକୁ ଫୋକସ କରାଯିବ । ବାରମ୍ବାର ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରୁଥିବାରୁ ଘଐଇଓ ସହଯୋଗରେ ବ୍ଲାକସ୍ପଟ୍ ସ୍ଥାନରେ କିଭଳି ଜୀବନ ରକ୍ଷା କରାଯାଇପାରିବ ସେ ନେଇ ଟ୍ରେନିଂ ସେସନରେ ଗୁରୁତ୍ୱାରୋପ କରାଯାଇଛି । ସାମାନ୍ୟ ଅସାବଧାନତା ଓ ଖରାପ ରୋଡ୍ ଇଞ୍ଜିନିୟରିଂ ପାଇଁ ପାଣି ଫୋଟକା ଭଳି ଝଡିପଡୁଛି ଜୀବନ । ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ଦୁର୍ଘଟଣା ସଂଖ୍ୟା ରୋକାଯାଇପାରିବ ।

## ମହାରାଷ୍ଟ୍ରରେ ଆଇଏସଆଇଏସ ସହିତ ଜଡ଼ିତ ୪ ସନ୍ଦିଗ୍ଧଙ୍କୁ ଗିରଫ କଲା ଏନଆଇଏ

ମୁମ୍ବାଇ, ୪।୭(ପି.ଏନ): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ମହାରାଷ୍ଟ୍ରରେ ସକ୍ରିୟ ଥିବା ଆଇଏସଆଇଏସ ମାଡ୍ୟୁଲକୁ ଧ୍ୱସ୍ତ କରିବା ସହ ଏଥି ସହିତ ଜଡ଼ିତ ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି । ସ୍ଥାନୀୟ ପୋଲିସର ସହଯୋଗରେ ଏନଆଇଏ ମଙ୍ଗଳବାର ସକାଳ ଠାରୁ ମୁମ୍ବାଇ, ଥାନେ ଏବଂ ପୁଣେରେ ଚଢ଼ଉ ଆରମ୍ଭ କରିଛି । ଏହି ଚଢ଼ଉ ବେଳେ ବିପୁଳ ପରିମାଣର ଡିଜିଟାଲ ତଥ୍ୟକୁ ମଧ୍ୟ ଜବତ କରିଛି ଏନଆଇଏ । ଏନଆଇଏ ସୂତ୍ରରୁ ପ୍ରାପ୍ତ ସୂଚନା ପ୍ରକାରେ, ମହାରାଷ୍ଟ୍ରରେ ଆଇଏସଆଇଏସ ସମ୍ପର୍କରେ ମିଳିଥିବା ସୂଚନା ଆଧାରରେ ମୁମ୍ବାଇ, ଥାନେ ଏବଂ ପୁଣେରେ କେତେକ ସ୍ଥାନରେ ଚଢ଼ଉ କରିଛି ଏନଆଇଏ । ଏହି ସମୟରେ ମୁମ୍ବାଇର ନାଗପାଡ଼ା ଅଂଚଳ ସେତାବିଶର ନାସିର ସିଦ୍ଦିକ, ପୁଣେ ସ୍ଥିତ କୋଂଡବାରୁ ଜୁବୈର ନୁର ମହମ୍ମଦ ଶେଖ ଓରଫ ଅବୁ ନୁସୈବା, ଥାନେ ସ୍ଥିତ ପଣ୍ଡଘାରୁ ଶରଜିଲ ଶେଖ ଏବଂ ଜୁଲଫିକର ଅଲ୍ଲୀ ବଡୌଦାବାଲାକୁ ଧରାଯାଇଛି ।

## ବିଜେବି କଲେଜରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର, ୪।୭(ପି.ଏନ): ପୁଣି ଅଶାନ୍ତ ହୋଇଛି ବିଜେବି କଲେଜ କ୍ୟାମ୍ପସ୍ । ବିଜେବି କଲେଜରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ଏହି ମାମଲା ଥାନାରେ ପହଂଚିଛି । ୩ ଜଣ ଛାତ୍ରଙ୍କୁ ଅନ୍ୟ ଗୋଷ୍ଠୀର କିଛି ଛାତ୍ର ଓ ଅଣଛାତ୍ର ମିଶି ଅଟକ ରଖି ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଛି । ଜଣେ ଛାତ୍ର ସେଠାରୁ ମୁକୁଳି ଅନ୍ୟ ଜଣେ ଛାତ୍ରଙ୍କୁ ଉଦ୍ଧାର କରି ଏଚଓଡିଙ୍କ ରୁମରେ ରଖିଥିଲେ । ସେ ଥାନାରେ ହାଜର ହୋଇ ଏକଥା ଜଣାଇବା ପରେ ଅଟକ ଥିବା ଛାତ୍ରଙ୍କୁ ପୋଲିସ ଉଦ୍ଧାର କରିଛି । ବଡଗଡ ପୋଲିସ୍ ଏହାର ତଦନ୍ତ କରୁଛି ।

## ବିଜେପି ଯାହା କହିବ ବିଜେଡି ତାହା କରିବ : ତାରା ବାହିନୀପତି

ଭୁବନେଶ୍ୱର, ୪।୭(ପି.ଏନ): ମହାରାଷ୍ଟ୍ର ରାଜନୀତିରେ ହାଇଭୋଲଟେଜ୍ ଡ୍ରାମାର ପ୍ରଭାବ ଓଡ଼ିଶାରେ ପଡ଼ିବା ନେଇ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଓଡ଼ିଶାରେ ବିଜେପି-ବିଜେଡି ଏକ ହୋଇ ରହିଛନ୍ତି । କେନ୍ଦ୍ର ବିଜେପି ଯାହା କହିବ ବିଜେଡି ତାହା କରିବ । ଏଠି ଯେପରି ଅସନ୍ତୋଷ କୁହୁଳୁଛି, ବିଜେପି ଚାହିଁଲେ ଭାଗ କରିଦେବ । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଚଢ଼ାଉ କଲେ ଆପେ ବିଜେଡି ଭାଗହେବ ବୋଲି କହିଛନ୍ତି ତାରା ବାହିନୀପତି ।

## ୪ ରାଜ୍ୟରେ ନୂଆ ସଭାପତିଙ୍କୁ ନିଯୁକ୍ତି ଦେଲା ବିଜେପି

ନୂଆଦିଲ୍ଲୀ, ୪।୭(ପି.ଏନ): ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ୪ ରାଜ୍ୟରେ ନୂଆ ସଭାପତି ନିଯୁକ୍ତ କରିଛି ଭାରତୀୟ ଜନତା ପାର୍ଟି (ବିଜେପି) । ପଞ୍ଜାବ,ତେଲେଙ୍ଗାନା, ଝାଡ଼ଖଣ୍ଡ ଓ ଆନ୍ଧ୍ର ପ୍ରଦେଶରେ ନୂଆ ସଭାପତି ନିଯୁକ୍ତ କରିଛି ବିଜେପି ।ପଞ୍ଜାବ ବିଜେପି ସଭାପତି ଭାବେ ସୁନୀଲ ଜାଖରଙ୍କୁ ନିଯୁକ୍ତି ମିଳିଛି । ସେହିପରି କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ ତେଲେଙ୍ଗାନା ରାଜ୍ୟ ସଭାପତି ଭାବେ ନିଯୁକ୍ତି ମିଳିଛି । ବାବୁଲାଲ ମାରାଣ୍ଡିଙ୍କୁ ଝାଡ଼ଖଣ୍ଡ ବିଜେପିର ସଭାପତି କରାଯାଇଛି । ଓଡ଼ିଶା ବିଜେପିର ପ୍ରଭାରୀ ଥିବା ଡି. ପୁରନ୍ଦେଶ୍ୱରୀଙ୍କୁ ଆନ୍ଧ୍ର ପ୍ରଦେଶ ବିଜେପିର ସଭାପତି ଭାବେ ନିଯୁକ୍ତି ଦିଆଯାଇଛି ।

## ଓଡ଼ିଶାରେ ବିଜେପି-ବିଜେଡି ଏକ ହୋଇ ରହିଛନ୍ତି : କଂଗ୍ରେସ

ଭୁବନେଶ୍ୱର,୪।୭(ପି.ଏନ): ଓଡ଼ିଶାରେ ବିଜେପି-ବିଜେଡି ଏକ ହୋଇ ରହିଛନ୍ତି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ମହାରାଷ୍ଟ୍ରର ପ୍ରଭାବ ଓଡ଼ିଶାରେ ପଡ଼ିବା ନେଇ ପ୍ରଶ୍ନ ଉପରେ ପ୍ରତିକ୍ରିୟା ଦେଇ ତାରା ପ୍ରସାଦ ବାହିନୀପତି ଏହା କହିଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ର ବିଜେପି ଯାହା କହିବ ବିଜେଡି ତାହା କରିବ । ଏଠି ଯେପରି ଅସନ୍ତୋଷ କୁହୁଳୁଛି, ବିଜେପି ଚାହିଁଲେ ଭାଗ କରିଦେବ । ଅମିତ ଶାହାଙ୍କ କଥା ନ ମାନିଲେ ଓଡ଼ିଶାରେ ବିଜେପି ଭାଗ କରିଦେବ । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଚଢ଼ାଉ କଲେ ଆପେ ବିଜେଡି ଭାଗହେବ ବୋଲି ସେ କହିଛନ୍ତି ।

## ଶିଖରଚଣ୍ଡୀ ପାହାଡ଼ ନଷ୍ଟ ଓ ଗଛ କଟା ମାମଲାରେ ରିପୋର୍ଟ ଦାଖଲ କଲା ତଦନ୍ତ କମିଟି

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱର ଶିଖରଚଣ୍ଡୀ ପାହାଡ଼ ନଷ୍ଟ ଏବଂ ବେଆଇନ୍ ଗଛକଟା ମାମଲାରେ ତଦନ୍ତ ପାଇଁ ଏନଜିଟିଙ୍କ ଦ୍ୱାରା ଗଠିତ କମିଟି ରିପୋର୍ଟ ଦାଖଲ କରିଛି । ଡିଏଫଓଙ୍କ ବିନା ଅନୁମତିରେ ଓ୍ୱାଟ୍କୋ ଗଛ କାଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ପାୱାର ବନାମ ପାୱାର: କାହା ପାଖରେ କେତେ ବିଧାୟକ



ନୂଆଦିଲ୍ଲୀ,୪।୭(ପି.ଏନ): ଏନସିପି ନେତା ଅଜିତ ପାୱାର ଓ ଦଳର ପ୍ରତିଷ୍ଠାତା ଶରଦ ପାୱାରଙ୍କ ମଧ୍ୟରେ କ୍ଷମତା ଯୁଦ୍ଧ ଆରମ୍ଭ ହୋଇଯାଇଛି । ପୁତୁରା ଅଜିତ ପାୱାର ସମସ୍ତଙ୍କୁ ଚକିତ କରି ମହାରାଷ୍ଟ୍ରରେ କ୍ଷମତାସୀନ ବିଜେପି-ସିନ୍ଦେ ସରକାରଙ୍କୁ ସମର୍ଥନ କରିଛନ୍ତି । ଏଥିପାଇଁ ଦାଦା ଶରଦ ପାୱାର ତାଙ୍କୁ ଏନସିପିରୁ ବିଦା କରିଛନ୍ତି । ହେଲେ ସେ ନିଜକୁ ପ୍ରକୃତ ଏନସିପି ନେତା ବୋଲି କହି ଦଳ ଉପରେ ନିଜର ଅଧିକାର ଜାହିର କରିଛନ୍ତି । ଏହାକୁ ନେଇ ପାୱାର ବନାମ ପାୱାର ତଥା ଦାଦା ବନାମ ପୁତୁରା କଳି ତୀବ୍ର ହୋଇଛି ।ଅଜିତ ପାୱାର ସରକାରଙ୍କୁ ସମର୍ଥନ କରିବା ପରେ ଏନସିପିର ମୋଟ ୫୩ ବିଧାୟକଙ୍କୁ ମଧ୍ୟରୁ ୪୦ ଜଣ ତାଙ୍କ ସହ ରହିଥିବା ଦାବି କରିଛନ୍ତି । ସେ ରବିବାର ୮ ଜଣ ବିଧାୟକଙ୍କୁ ଧରି ସରକାରରେ ସାମିଲ ହୋଇଥିବା ବେଳେ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଏହାକୁ ଦୁଇ ଦିନ ବିତି ଯାଇଥିଲେ ମଧ୍ୟ ପ୍ରକୃତରେ କେତେ ବିଧାୟକ ତାଙ୍କ ସହ ରହିଛନ୍ତି, ସେକଥା ସେ ଠୋସ ପ୍ରମାଣ ସହ ଉପସ୍ଥାପନ କରି ପାରି ନାହାନ୍ତି ।

## ଲୋକଙ୍କ ସମସ୍ୟା ବୁଝିବାକୁ ପ୍ରଶାସନକୁ ଗାଁକୁ ପଠାଇଛନ୍ତି ମୁଖ୍ୟମନ୍ତ୍ରୀ, ବିରୋଧୀଙ୍କୁ କାହିଁକି ଅସୁବିଧା ହେଉଛି ?



ଭୁବନେଶ୍ୱର,୪।୭(ପି.ଏନ): 5T ସଚିବ ଭିକେ ପାଣ୍ଡିଆନ୍ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନକୁ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଥିବା ବେଳେ ଛଦ୍ମବେଶରେ ବିଜେପି ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରିଛି । ଏହି ଘଟଣାରେ ବିରୋଧୀଙ୍କୁ ସମାଲୋଚନା କରିଛି ବିଜେଡି । ବିଜେଡି ମୁଖପାତ୍ର ଇପସିତା ସାହୁ ପ୍ରେସମିଟରେ ବିରୋଧୀଙ୍କ ଉପରେ ବର୍ଷିଛନ୍ତି । ଗାଁକୁ ଯାଇ ଲୋକଙ୍କ ସମସ୍ୟା ଶୁଣିବାରେ ବିରୋଧୀଙ୍କ ସମସ୍ୟା ହେଉଛି । ପ୍ରଶାସନକୁ ଗାଁକୁ ପଠାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଲୋକଙ୍କ ସମସ୍ୟା ଶୁଣିବାକୁ ପ୍ରଶାସନକୁ ଗାଁକୁ ପଠାଇଛନ୍ତି ମୁଖ୍ୟମନ୍ତ୍ରୀ । ଲୋକଙ୍କ ସମସ୍ୟା ଶୁଣିବାରେ ଅସୁବିଧା କେଉଁଠି ରହିଲା ବୋଲି ଇପସିତା ପ୍ରଶ୍ନ କରିଛନ୍ତି । ପୃଥିବୀର କୌଣସି ବି ଶକ୍ତି ଏହାକୁ ଅଟକାଇ ପାରିବେନି ବୋଲି କହିଛି ବିଜେଡି । ଭୁବନେଶ୍ୱରରେ ଏସି କୋଠରୀରେ ବସିଲେ ସମସ୍ୟା ସମାଧାନ ହେବନି । ଦୂରଦୂରାନ୍ତ ଲୋକଙ୍କ ସମସ୍ୟା ଶୁଣି ସମାଧାନ କରାଯାଉଛି । ଯାହାକି ବିରୋଧୀଙ୍କୁ ସମସ୍ୟା ହେଉଛି ବୋଲି କହିଛି ବିଜେଡି । ସୂଚନାଥାଉକି, ସୁବର୍ଣ୍ଣପୁରର ଉଲୁଣ୍ଡାଠାରେ 5T ସଚିବଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିବାକୁ ଉଦ୍ୟମ କରିଥିଲେ ବିଜେପିର ଏକ ଗୋଷ୍ଠୀ । ତେବେ ନିଜ ମୁଖା ଖୋଲିଯିବା ଭୟରେ ବିଜେପିର ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର କିଛି କର୍ମୀ ଆମ୍ ଆଦମୀ ପାର୍ଟିର ଟୋପି ପିନ୍ଧି ଏହି କାଣ୍ଡ ଭିଆଇବାକୁ ଉଦ୍ୟମ କରିଥିଲେ ।

## କାରରୁ ୮୫ କେଜି ଗଞ୍ଜେଇ ଜବତ, ଚାଳକ ଗିରଫ

ଗଞ୍ଜାମ, ୪।୭(ପି.ଏନ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ପୋଲିସ ବିଦ୍ୟୁତ ସବଷ୍ଟେସନ ନିକଟରୁ ଆଜି ଏକ କାରରୁ ୮୫ କେଜି ଗଞ୍ଜେଇ ଜବତ କରିଛି । ଘଟଣାରେ କାର୍ ର ଚାଳକ ଗଜପତି ଜିଲ୍ଲା ମୋହନାର ଚନ୍ଦନ ମଲ୍ଲିକଙ୍କୁ ଗିରଫ କରିଛି । ଗଜପତିରୁ ବ୍ରହ୍ମପୁର ଏହି ଗଞ୍ଜେଇ ଚାଲାଣ କରାଯାଉଥିବା ନେଇ ସୂଚନା ମିଳିବା ପରେ ପୋଲିସର ଏକ ଟିମ୍ ଖେମୁଣ୍ଡି ମହାବିଦ୍ୟାଳୟ ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ କାର୍ କୁ ଅଟକାଇ ଯାଂଚ୍ କରିଥିଲା । ଯାଂଚ୍ ବେଳେ କାର୍ ରୁ ୮୫ କେଜି ଗଞ୍ଜେଇ ଜବତ ହୋଇଥିଲା । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି । ଏହି ଚଢ଼ଉ ସମୟରେ ସେଠାରେ ଅତିରିକ୍ତ ତହସିଲଦାର ସନାତନ ମହାଳିକ ମଧ୍ୟ ଉପସ୍ଥିତ ଥିଲେ । ଏ ସଂକ୍ରାନ୍ତରେ ଦିଗପହଣ୍ଡି ଥାନାରେ କେସ୍ ନଂ ୨୩୮/୨୩ ରେ ଏକ ମାମଲା ରୁଜୁ ହୋଇଛି ।

## ଶିବସେନା ପରେ ଏନସପି ଦି' ଫାଳ, ଏବେ କଂଗ୍ରେସ ପାଳି !




ଭୁବନେଶ୍ୱର,୪।୭(ପି.ଏନ): ମହାରାଷ୍ଟ୍ର ରାଜନୀତିରେ ଘଡିକେ ଘୋଡା ଛୁଟିବାରେ ଲାଗିଛି । ଗତବର୍ଷ ସରକାରରେ ଥିବା ଶିବସେନା ଦି' ଭାଗ ହୋଇଥିବା ବେଳେ ରବିବାର ଅଜିତ ପାୱାରଙ୍କ ବିଦ୍ରୋହ ଯୋଗୁ ଏନସିପି ସମ ଦଶା ଭୋଗିଛି । ଶବିସେନାର ବିଦ୍ରୋହ ଯୋଗୁ ଉଦ୍ଧବ ଠାକରେ ଓ ଏକନାଥ ସିନ୍ଦେ ଅଲଗା ହୋଇଯାଇଥିଲେ । ଏବେ ଏନସିପିରେ ବିଭାଜନ ଯୋଗୁ ଅଜିତ ପାୱାର ଓ ଶରଦ ପାୱାରଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଛି । କିନ୍ତୁ ମହା ବିକାଶ ଅଘାଡିରେ ଥିବା କଂଗ୍ରେସ ଏକମାତ୍ର ଦଳ ଭାବେ ଏଯାଏ ଅକ୍ଷୁର୍ଣ୍ଣ ରହିଛି । କିନ୍ତୁ ଶିବସେନା ଓ ଏନସିପି ପରେ କଂଗ୍ରେସ ଯେ ବିଭାଜନ ରାସ୍ତାରେ ନ ଯିବ, ତା'ର ଗ୍ୟାରେଣ୍ଟୀ ମଧ୍ୟ ନାହିଁ ।ଏସବୁ ଭିତରେ ବିଜେପି ସୂତ୍ରରୁ ବଡ ଖବର ସାମ୍ନାକୁ ଆସିଛି । ଶିବସେନା ଓ ଏନସିପି ଭଳି ମହାରାଷ୍ଟ୍ରରେ କଂଗ୍ରେସ ମଧ୍ୟ ବିଭାଜନ ରାସ୍ତାରେ ଯିବ ବୋଲି ବିଜେପି ସୂତ୍ରରେ ଦାବି କରାଯାଇଛି । ଏହି ସୂତ୍ରରେ କୁହାଯାଇଛି ଯେ କଂଗ୍ରେସର ଦୁଇ ବରିଷ୍ଠ ନେତା ବିଜେପି ସହ ଯୋଗାଯୋଗରେ ଅଛନ୍ତି । ଦଳକୁ ବିଭାଜନ କରିବା ପାଇଁ ଆଲୋଚନା ଚାଲିଛି । ଖୁବଶୀଘ୍ର ଅନେକ ବିଧାୟକ ମହାରାଷ୍ଟ୍ରରେ ବିଜେପି ଗଠନ କରିଥିବା ସରକାରରେ ସାମିଲ ହେବେ ବୋଲି ଏଥିରେ ଦାବି କରାଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପଣ୍ୟାଗାର ନିଗମ ନୂତନ ମୁଖ୍ୟ କାର୍ଯ୍ୟାଳୟ ସୌଧର ଶିଳାନ୍ୟାସ

ଭୁବନେଶ୍ୱର, ୪।୭(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୯ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ନୂତନ ମୁଖ୍ୟ କାର୍ଯ୍ୟାଳୟ ସୌଧ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ୧୯୫୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏହି ନିଗମ ରାଜ୍ୟର ୩୦ଟି ଜିଲ୍ଲାର ୬୮ଟି ସ୍ଥାନରେ ମୋଟ ୫,୨୧,୪୦୦ ମେଟ୍ରିକ ଟନ କ୍ଷମତାବିଶିଷ୍ଟ ଗୋଦାମଘର ପରିଚାଳନା କରି ମୁଖ୍ୟତଃ କୃଷିଜାତ ଦ୍ରବ୍ୟର ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ ଓ ସୁକ୍ଷମ ବଂଟନର ଆନୁଷଙ୍ଗିକ ବ୍ୟବସ୍ଥାକୁ ସହାୟତା ଯୋଗାଇଥାଏ । ଭୁବନେଶ୍ୱରସ୍ଥିତ ପ୍ଲଟ ନମ୍ବର-୨, କଟକ ରୋଡର ଏକ ପ୍ରମୁଖ ସ୍ଥାନରେ ଅବସ୍ଥିତ ଥିବା ନିଗମର ମୁଖ୍ୟ କାର୍ଯ୍ୟାଳୟ ପଣ୍ୟାଗାରଗୁଡିକର ସମସ୍ତ ବ୍ୟବସାୟିକ କାର୍ଯ୍ୟକୁ ପରିଚାଳନା କରିଥାଏ । ନିଗମର ବ୍ୟବସାୟିକ ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ଏହାର କାର୍ଯ୍ୟ ପରିସରର ଆବଶ୍ୟକତାକୁ ପୂରଣ କରିବା ପାଇଁ ମୌଳିକ ସୁବିଧାଯୁକ୍ତ ଭିତିଭୂମି ସୃଷ୍ଟି ନିମନ୍ତେ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଏକ ନୂତନ ୪ ମହଲା ବିଶିଷ୍ଟ ଅଫିସ ବିଲ୍ଡିଂ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ୧୯ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ଇଡକୋ, ଭୁବନେଶ୍ୱରକୁ ଦିଆଯାଇଛି । କର୍ପୋରେଟ ଅଫିସର କାର୍ଯ୍ୟ ପାଇଁ ଗ୍ରାଉଣ୍ଡ ଓ ପ୍ରଥମ ମହଲା ବ୍ୟବହାର କରାଯିବ ଓ ଦ୍ୱିତୀୟ ଓ ତୃତୀୟ ମହଲା ( ଭଡାସୂତ୍ରରେ ଅନ୍ୟ ସଂସ୍ଥାମାନଙ୍କୁ ଦିଆଯିବ ଯେଉଁଥିରୁ ବହୁ ପରିମାଣର ରାଜସ୍ୱ ମିଳିପାରିବ । ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ୧୮ ମାସ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।କେନ୍ଦ୍ର ସରକାର ଅଧିନସ୍ଥ ଗୋଦାମଗୃହ ବିକାଶ ଏବଂ ନିୟାମକ ପ୍ରାଧିକରଣରେ ପଞ୍ଜୀକରଣ ପାଇଁ ଆବେଦନ କରାଯାଇଥିବା ୫୧ଟି ଗୋଦାମ ମଧ୍ୟରୁ ନିଗମର ୪୫ ଟି ଗୋଦାମ ପଞ୍ଜୀକୃତ ହୋଇଅଛି । ଗୋଦାମଗୁଡିକର ପଞ୍ଜୀକରଣ ବ୍ୟବସାୟିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ଏବଂ କୃଷକ / ଜମାକାରୀମାନେ ଗଚ୍ଛିତ ସାମଗ୍ରୀ ପାଇଁ ହସ୍ତାନ୍ତରଯୋଗ୍ୟ ପଣ୍ୟାଗାର ରସିଦ ମାଧ୍ୟମରେ ବ୍ୟାଙ୍କରୁ ଋଣର ସୁବିଧା ପାଇପାରିବେ । ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଆଗାମୀ ଦିନରେ ନିଜର କାର୍ଯ୍ୟକ୍ରମକୁ ପ୍ରସାରଣ ଓ ସଫଳ ରୂପାୟନ କରି କାର୍ଯ୍ୟକ୍ଷମ ପ୍ରକ୍ରିୟାର ସର୍ବୋଚ୍ଚ ମାନ୍ୟତାକୁ ସୁନିଶ୍ଚିତ କରିବା ସହିତ ପୃଷ୍ଠପୋଷକମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି କାର୍ଯ୍ୟକ୍ରମରେ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ମହେନ୍ଦ୍ର କୁମାର ବଢେଇ ଏବଂ ପରିଚାଳନା ନିର୍ଦ୍ଦେଶକ ଗଣେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।









# ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟରେ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତ୍ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜ୍ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକ୍ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡ୍ କରିଥିଲେ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ଲାଭଦାୟକ ଓ୍ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ଓ୍ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ଓ୍ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ଓ୍ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ଓ୍ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ଓ୍ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ଓ୍ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତୀର୍ଥ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୂରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ମୋଗଲ ଯୁଗର ଘଣ୍ଟେଓ୍ୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟି କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ଓ୍ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫ୍ରି ଲଭ କମ୍ୟୁନିଟର୍’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ବରପୁତ୍ରଙ୍କ ଜନ୍ମମାଟି: ବାଗ୍ମୀ ବିଶ୍ୱନାଥ କରଙ୍କ ଗାଁ ମୂଳବସନ୍ତ



ଓଡ଼ିଶାର ସୃଜନଶୀଳ ସାହିତ୍ୟ ଓ ଭାଇଚାରା ବନ୍ଧନୀ ଭିତରେ ବଡ଼ ମୂଳକ ହେଉଛି ମୂଳବସନ୍ତ ଗ୍ରାମ। ଏହି ଗ୍ରାମରେ ବରପୁତ୍ରଙ୍କ ଜନ୍ମମାଟି ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇ ରହିଛି ଏବଂ ସବୁଠାରୁ ବଡ଼ କଥା ହେଉଛି ଏହି ଅଞ୍ଚଳର ଜନନେତା, ଲୋକପ୍ରତିନିଧି ଓ ଗାଁ ମାଟିର ପୁଅ ମନ୍ତ୍ରୀ ପ୍ରତାପ ଜେନା ନବୀନବାବୁଙ୍କ ସ୍ୱଚ୍ଛ ଶାସନର ଉତ୍ତରଦାୟିତ୍ୱ ରଖିବା ସହ ସମସ୍ତ ନିଷ୍ଠା ପାଳନ କରୁଛନ୍ତି ଏହା କମ ବଡ଼ କଥା ନୁହେଁ। ଓଡ଼ିଶା ସାହିତ୍ୟ ଓ ସାଂସ୍କୃତିକ ଚେତନାର ପ୍ରଜ୍ଞାପୀଠ କଟକ ଜିଲ୍ଲାରେ ମାହାଙ୍ଗାର ଅନେକ ସାହିତ୍ୟିକ, ଲେଖକ ଓ କବି ଓଡ଼ିଆ ଭାଷା ସାହିତ୍ୟକୁ ରୁଦ୍ଧିମନ୍ତ ଓ ରୁଚିମନ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ମାହାଙ୍ଗା ବ୍ଲକ ମୂଳବସନ୍ତ ଗ୍ରାମର ସଂସ୍କାରକ ବାଗ୍ମୀ ବିଶ୍ୱନାଥ କର ଅନ୍ୟତମ। ୧୮୬୪ ଡିସେମ୍ବର ୨୪ ତାରିଖରେ ଜନ୍ମଗ୍ରହଣ କରିଥିଲେ ସେ। ନାରାୟଣଚନ୍ଦ୍ର କର ଓ ବୈଦେହୀଙ୍କ ବଡ଼ ପୁଅ ବିଶ୍ୱନାଥ ଗ୍ରାମ ଚାଟଶାଳୀରେ ଅବଧାନଙ୍କ ଠାରୁ ବାଲ୍ୟ ଶିକ୍ଷା ଗ୍ରହଣ କରିଥିଲେ। ଏହାପରେ ନିକଟସ୍ଥ ଭାକୁଡ଼ ଗ୍ରାମ ସଂସ୍କୃତ ପାଠଶାଳା ଓ ପରେ କୁଆଁପାଳର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ୧୮୮୨ ମସିହାରେ ଉଚ୍ଚଶିକ୍ଷା ପାଇଁ ସେ କଟକ ପ୍ୟାରୀମୋହନ ଏକାଡେମୀରେ ନାମ ଲେଖାଇଥିଲେ। ସେଠାରେ ଜଣେ ଶିକ୍ଷକଙ୍କ ଆଚରଣର ପ୍ରତିବାଦ କରି ବିଶ୍ୱନାଥ ମିସନ ସ୍କୁଲରେ ପାଠ ପଢ଼ିଥିଲେ। ମିସନ ସ୍କୁଲରେ ସେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଅସଫଳ ହେବାରୁ ୧୮୮୫ ମସିହାରେ ସେ ବିଦ୍ୟାଳୟ ପରିତ୍ୟାଗ କରିଥିଲେ। ଏହା ସହିତ ତାଙ୍କ ଶିକ୍ଷାରେ ଡୋରି ବନ୍ଧା ହୋଇଥିଲା। ତେବେ ଅଧ୍ୟୟନ ସମୟରେ ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ବ୍ୟକ୍ତିତ୍ୱ, ସତ୍ୟନିଷ୍ଠ ଆଚରଣ ତାଙ୍କୁ ଅନୁପ୍ରାଣୀତ କରିଥିଲା। ଏହି ସମୟରେ ସେ ଭକ୍ତକବି ମଧୁସୂଦନଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ମଧୁସୂଦନ ରାଓ, ସାଧୁଚରଣ ରାୟ, ଚତୁର୍ଭୁଜ ପଟ୍ଟନାୟକଙ୍କ ସହ ବ୍ରହ୍ମ ସମାଜର ପ୍ରମୁଖ ବ୍ୟକ୍ତିଙ୍କ ସଂସ୍କାରଧର୍ମୀ କାର୍ଯ୍ୟରେ ବିଶ୍ୱନାଥ ଅନୁପ୍ରାଣିତ ହୋଇଥିଲେ। କିଛିବର୍ଷ ସେ ଜଗତ୍‌ସିଂହପୁର ଓ କଟକରେ ଶିକ୍ଷକତା କରିବା ସହ ସମାଜ ସଂସ୍କାର କାର୍ଯ୍ୟ କରିଥିଲେ। ୧୮୯୭ ମସିହାରେ ବିଶ୍ୱନାଥ ଉତ୍କଳ ସାହିତ୍ୟ ନାମକ ପତ୍ରିକା ପ୍ରକାଶ କରିଥିଲେ ସହ ଏହାର ପ୍ରତିଷ୍ଠାତା ସମ୍ପାଦକ ହୋଇଥିଲେ। ପରେ ସେ ଉତ୍କଳ ସାହିତ୍ୟ ପ୍ରେସ ସ୍ଥାପନ କରିଥିଲେ। ସମାଲୋଚକ, ସୁସାହିତ୍ୟିକ, ସୁବକ୍ତା ଓ ପ୍ରାବନ୍ଧିକ ଭାବେ ବିଶ୍ୱନାଥ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ଦ୍ୱାରା ରଚିତ ବିବିଧ ପ୍ରବନ୍ଧରେ ଅନେକ ପ୍ରବନ୍ଧ ସ୍ଥାନିତ ହୋଇଥିଲା। ବିଶ୍ୱନାଥଙ୍କ ବହୁମୁଖୀ ପ୍ରତିଭାକୁ ଦେଖି ଇଂରେଜ ସରକାର ତାଙ୍କୁ 'ରାୟ ସାହେବ' ଉପାଧି ପ୍ରଦାନ କରିଥିଲେ। ମାତ୍ର ସେ ଏହି ଉପାଧିକୁ ପ୍ରତ୍ୟାଖ୍ୟାନ କରିଥିଲେ। ସମାଜର କୁସଂସ୍କାର ଦୂର କରିବା ପାଇଁ କାର୍ଯ୍ୟ କରିବା ସହିତ ପତ୍ରିକା ମାଧ୍ୟମରେ ସେ ଏହାର କଡ଼ା ସମାଲୋଚନା କରୁଥିଲେ। ଏହି ମହାମନିଷୀଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କ ଜନ୍ମମାଟିରେ ବାଗ୍ମୀ ବିଶ୍ୱନାଥ ବିଦ୍ୟାନିକେତନ ନାମରେ ଏକ ଉଚ୍ଚବିଦ୍ୟାଳୟ ସ୍ଥାପନ କରାଯାଇଛି। ଜନ୍ମପୀଠ 'ମୂଳବସନ୍ତ' ଗ୍ରାମ ନାମରେ ପଞ୍ଚାୟତର ନାମକରଣ କରାଯାଇଛି। ଏହି ଗାଁର ଜନସଂଖ୍ୟା ଦୁଇ ହଜାରରୁ ଅଧିକ। ସରକାରଙ୍କ ସ୍ୱଚ୍ଛ ପ୍ରଶାସନ ପାଇଁ ଏଠାରେ ରାସ୍ତାଘାଟ ଠିକ୍ ରହିଛି ଏବଂ ପ୍ରତି ଗାଁକୁ ପାନୀୟ ଜଳ ପ୍ରକଳ୍ପରେ ପାଇପ ବିଛା ଯାଇଛି। ଏଠାରେ ପ୍ରଧାନଶିକ୍ଷକ ଥିଲେ ମଧ୍ୟ ଅନ୍ୟ ଏକ ବିଦ୍ୟାଳୟରୁ ସପ୍ତାହରେ ତିନି ଦିନ ଶିକ୍ଷାଦାନ ପାଇଁ ଯାଉଛନ୍ତି। ବିଦ୍ୟାଳୟର ଅନ୍ୟ ତିନିଟି ବିଷୟର ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟର ତିନିଟି ପିଅନ ପଦ ଖାଲି ଥିବାରୁ ବିଭିନ୍ନ କାର୍ଯ୍ୟରେ ସମସ୍ୟା ଦେଖାଯାଉଛି। ଏହାଛଡ଼ା ବିଦ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ଶୌଚାଳୟ ନଥିବାରୁ ଛାତ୍ରଛାତ୍ରୀ ଅସୁବିଧାରେ ପଡୁଛନ୍ତି। ବିଦ୍ୟାଳୟ ପରିସର ଓ ନିକଟସ୍ଥ ଖେଳ ପଡ଼ିଆକୁ ଠିକ୍ ଭାବେ ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷା ହେଲେ ଛାତ୍ରଛାତ୍ରୀ ଦୁର୍ଦ୍ଦଶା ଭୋଗିବା ସହ ଖେଳକୁଦରୁ ବଞ୍ଚିତ ହେଉଛନ୍ତି। ଭାଇଚାରା ଭିତରେ ରାଜନୀତି ବଡ଼ କଥା ନୁହେଁ ଆମେ ସମସ୍ତେ ହେଉଛି ଏହି ମାଟି ମୂଳକ ପାଇଁ ସାମଗ୍ରୀକ ଭାବେ ସେତିକି ପାରିବା ଅବଦାନ ରଖିବା ଏହା ହିଁ ହେବ ଆମ ମାଆ ମାଟି ମୂଳକ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।



**ନାଟ୍ୟସାରଥି ଅଭୟ କୁମାର ଦାସ**, ଗୋଡ଼ା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୨୪୭୬୭୬

# ଜିଲ୍ଲା କଂଗ୍ରେସର ଜରୁରୀ ବୈଠକ

ରାଉରକେଲା (ପିଏନ୍): ଜିଲ୍ଲା କଂଗ୍ରେସ ସଭାପତି ଦଳ ଛାଡିବା ପରେ ସମ୍ପ୍ରତି ଜିଲ୍ଲା କଂଗ୍ରେସର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସର ଏକ ଜରୁରୀ ବୈଠକରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସ କମିଟିର କର୍ମକର୍ତ୍ତା, ପିସିସି ସଭ୍ୟ, ବ୍ଲକ୍ କଂଗ୍ରେସ ସଭାପତି ବୃନ୍ଦ ତଥା ବିଭିନ୍ନ ସାମ୍ମୁଖ୍ୟ ଓ ବିଭାଗର ମୁଖ୍ୟମାନେ ନୂତନ ଜିଲ୍ଲା କଂଗ୍ରେସ ସଭାପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ବରିଷ୍ଠ ଉପସଭାପତି ଶ୍ରୀ ବିହାରୀ ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛନ୍ତି। ପିସିସି ସଭାପତିଙ୍କ ସହ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ନିଆଯାଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ରାଉରକେଲା ଓ ରଘୁନାଥପାଲ୍ଲୀର ଦୁଇ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାମାନେ ଶ୍ରୀ ବିହାରୀଙ୍କୁ ଏଥିରେ ପୂର୍ଣ୍ଣପ୍ରାଣରେ ସହଯୋଗ କରିବେ ବୋଲି କୁହାଯାଇଛି। ଏହି ବୈଠକରେ ଯେଉଁ କଂଗ୍ରେସ କର୍ମକର୍ତ୍ତାମାନେ ଅଦ୍ୟାବଧି ସଭ୍ୟ ସଂଗ୍ରହ ପୁସ୍ତିକା ସଭ୍ୟ ସଂଗ୍ରହ ପରେ ଦାଖଲ କରିନାହାନ୍ତି ସେମାନେ ତୁରନ୍ତ ସେଗୁଡିକୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ସଭ୍ୟ ସଂଗ୍ରହ ଦାୟିତ୍ୱରେ ଥିବା ଅନ୍ୟତମ ଉପସଭାପତି ସନ୍ତୋଷ ବିଶ୍ୱାଳଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। ରାଉରକେଲାର ବିଭିନ୍ନ ସମସ୍ୟାକୁ ନେଇ ବୈଠକରେ ଆଲୋଚନା କରାଯିବା ସହିତ ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସ କମିଟି ତରଫରୁ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ପୂର୍ବପରି ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲ୍ଲା କଂଗ୍ରେସର ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଜିଲ୍ଲା ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ସାଧାରଣ ସମ୍ପାଦକ ଶଙ୍କର ଅଗ୍ରୱାଲ ଓ ତୁଳସୀ ନାଗ, ରାଜେଶ ଟପ୍ପୋ, ମୁଖପାତ୍ର କୈଳାସ ସାହୁ ଓ ଗିରିଜା ଶଙ୍କର ମିଶ୍ର, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ, ବ୍ଲକ୍ କଂଗ୍ରେସ ସଭାପତି ଜାଫୁର ନୁମାନ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ପ୍ରତାପ ବେହେରା, ରଘୁନାଥ ଦାସ, ବିଜୟ ଆପଟ, ରାଜେନ୍ଦ୍ର ରଜାକ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ଫିସରମ୍ୟାନ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ଜିଲ୍ଲା କଂଗ୍ରେସ ସମ୍ପାଦକ ସୁନୀଲ ସିଂ, ପ୍ରତିମା ପାଣିଗ୍ରାହୀ, କଳ୍ପତରୁ ପଣ୍ଡା, ରତିକାନ୍ତ ମଲ୍ଲିକ, ରୁକସାନା ବେଗମ, ବରିଷ୍ଠ ନେତା ବିନୋଦ ପଟ୍ଟନାୟକ, ରେହେମାନ ଖାନ, ଦିଲ୍ଲୀପ ଜେନା, ଝୁନୁ ପଟ୍ଟନାୟକ, ଶ୍ୟାମେନ୍ଦ୍ର ମାହାତୋ ଓ ଭାସ୍କର ଖିଲ୍ଲା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଉପସ୍ଥିତ ସମସ୍ତ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଏହି ନିଷ୍ପତ୍ତିକୁ ସର୍ବସମ୍ମତିକ୍ରମେ ସମର୍ଥନ ଜଣାଇଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ଜିଲ୍ଲା କ୍ରୀଡା ସଂସ୍ଥାର ନୂତନ ମଞ୍ଚ ଲୋକାର୍ପିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ଷ୍ଟାଡିୟମଠାରେ ଏକ ସୁଦୃଶ୍ୟ ନବନିର୍ମିତ ମଞ୍ଚକୁ ଜିଲ୍ଲାର କ୍ରୀଡାପ୍ରେମୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଛି। ହଳଦିଆଗୁଣାସ୍ଥିତ ଏମ୍‌ଏସ୍‌ପି ଷ୍ଟିଲ କାରଖାନା ପକ୍ଷରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ମଞ୍ଚର ଲୋକାର୍ପଣ ଉତ୍ସବରେ ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର,ଏମ୍‌ଏସ୍‌ପି ଷ୍ଟିଲ ଆଇରନ କାରଖାନାର ସିଇଓ ଇଂ ଦେବବ୍ରତ ସ୍ୱାଇଁ, ସିନିୟର ଜିଏମ ସଂଜୟ ସାହୁ, ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସଂପାଦକ ଡ଼ା ଜନାର୍ଦ୍ଦନ ଦାଶ, ବରିଷ୍ଠ ଆଇନଜୀବି ଅଶ୍ୱିନୀ ପଟ୍ଟନାୟକ ଅତିଥି ଭାବରେ ଉପସ୍ଥିତ ରହି କମ୍ପାନୀ କର୍ତ୍ତୃପକ୍ଷଙ୍କ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟର ପ୍ରଶଂସା କରିବା ସହ କ୍ରୀଡାବିତମାନଙ୍କୁ ଉତ୍ସାହ ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଏମ୍‌ଏସ୍‌ପି ବ୍ଲୁ ଏବଂ ଏମ୍‌ଏସ୍‌ପି ରେଡ୍ ମଧ୍ୟରେ ଆୟୋଜିତ ହୋଇଥିଲା। ବିଶ୍ୱମ୍ଭର ମହାକୁଡ, ଯଶୋବନ୍ତ ପାତ୍ର ଅମ୍ପାୟାରିଂ କରିଥିବାବେଳେ ସତ୍ୟନାରାୟଣ ସିଂ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ଖେଳାଳୀ,କ୍ରୀଡାବିତମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ଏସପି ଷ୍ଟିଲ କାରଖାନାର ଉପସଭାପତି ବସନ୍ତ ସାହୁ, ସିନିୟର ଜିଏମ (ଏଚ୍‌ଆର) ରଂଜନ କୁମାର ଜେନା, ପରିଚାଳକ ଶିଶିର ପାତ୍ର, ଡିଜିଏମ୍ ନିହାର ରଂଜନ ପାତ୍ର, ବରିଷ୍ଠ ପରିଚାଳକ(ସିଭିଲ) ସୁବାସ ଦାଶ, ଅର୍ପିତ ପଟ୍ଟନାୟକ, ବିଦ୍ୟାଧର ରାୟ, ହୃଦାନନ୍ଦ ଦାଶ, ଜଗନ୍ନାଥ ଲାଏକ, ଭୀମସେନ ସେଠୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଯାଜପୁର ବରିଷ୍ଠ ନାଗରିକ ସଂଘ ତରଫରୁ ପୁସ୍ତକ ବଣ୍ଟନ ଓ ବୃକ୍ଷରୋପଣ

ଯାଜପୁର (ପିଏନ୍): ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଯାଜପୁର ବରିଷ୍ଠ ନାଗରିକ ସଂଘ ତରଫରୁ ଗ୍ରାମାଞ୍ଚଳ ବିଦ୍ୟାଳୟରେ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଉପାଦେୟ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଭେଲଙ୍କଂଠାରେ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉତ୍ତମ ଭବିଷ୍ୟତ ଗଠନ ନିମିତ୍ତ ଦିଗଦର୍ଶନ ପ୍ରଦାନ କରାଯାଇ ସର୍ବଶେଷରେ ପରିବେଶ ସୁରକ୍ଷା ନିମିତ୍ତ ବିଦ୍ୟାଳୟ ପ୍ରାଙ୍ଗଣରେ ଫଳବୃକ୍ଷ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ବରିଷ୍ଠ ନାଗରିକ ସଂଘର ସଂପାଦକ ପ୍ରବୋଧ କୁମାର ନାୟକ, ସଭ୍ୟ ଉଦୟ ନାରାୟଣ ପରିଡ଼ା, ଦେବେନ୍ଦ୍ର କୁମାର ନାୟକ, ଧନଞ୍ଜୟ କେଶରୀ ରାଉତରାୟ, ଗୋପିନାଥ ସେଠୀ, ବୃନ୍ଦାବନ ମିଶ୍ର, ମଧୁସୁଦନ ମହାନ୍ତି, ନବକିଶୋର ଅଧିକାରୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିୟୁସ୍ ରଂଜନ ମହାନ୍ତି ଓ ଅନ୍ୟ ଶିକ୍ଷକମାନେ ପରିଚାଳନା କରିଥିଲେ। ସ୍ଥାନୀୟ ସମାଜସେବୀମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ମା' ଦକ୍ଷିଣ କାଳୀଙ୍କ ଶକ୍ତିପୀଠ କୋଲକାତା





ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ସେ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ପୃଥିବୀରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦି ଶକ୍ତିପୀଠଗୁଡ଼ିକ ମଧ୍ୟରେ କାଳୀଘାଟର




କାଳୀ ମନ୍ଦିର ପୀଠ ଅନ୍ୟତମ। ହୁଗୁଳି ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିର ସାରା ପୃଥିବୀରେ ପ୍ରସିଦ୍ଧ। ଏହି ମନ୍ଦିର ସଂଲଗ୍ନ ଘାଟ କାଳୀଘାଟ ନାମରେ ବିଖ୍ୟାତ। ପୂର୍ବକାଳରେ ଗଙ୍ଗାଘାଟ ମନ୍ଦିର ସହିତ ଏକଦମ ଲାଗି ରହିଥିଲା। କିନ୍ତୁ ଏବେ ଏହା ଟିକେ ଦୂରରେ ରହିଛି। ଏହି ମନ୍ଦିର୧୭ଶ ଶତାବ୍ଦୀର ବୋଲି କୁହାଯାଉଛି। କାଳୀଘାଟ କାଳୀ ମନ୍ଦିରର ଅନେକ ବିଶେଷତ୍ୱ ରହିଛି। କାଳୀଘାଟରେ ମା' ସତୀଙ୍କ ଡ଼ାହାଣ ପାଦର ଅଙ୍ଗୁଳି ପଡ଼ିଥିଲା। ପୁରାଣରେ କାଳୀଙ୍କୁ ଶକ୍ତିର ରୌଦ୍ରାବତାର ଭାବେ ପୂଜା କରାଯାଏ ଓ ପ୍ରତିମା ବା ମୂର୍ତିରେ ଦେବୀଙ୍କୁ ବିକଟାଳ ରୂପରେ ଦେଖାଯାଏ। ବେକରେ ମୁଣ୍ଡମାଳ ଓ ଅଂଟାରେ କଟା ହାତର ଘାଘରା ପିନ୍ଧିବା, ଗୋଟିଏ ହାତରେ ରକ୍ତଲଗା ଖଡ୍ଗ ଓ ଅନ୍ୟ ହାତରେ ଖପ୍ପର ଧାରଣ କରି ଶୋଇଥିବା ଭଗବାନ ଶଙ୍କରଙ୍କ ଉପରେ ଛିଡ଼ା ହୋଇ ଲମ୍ବା ଜିଭ ଦର୍ଶା ଯିବା ଦେଖାଯାଏ। କିନ୍ତୁ କାଳୀଘାଟ ମନ୍ଦିରରେ ଦେବୀଙ୍କ ପ୍ରତିମାରେ ମା'କାଳିକା ଙ୍କ ମସ୍ତକ ଓ ଚାରି ହାତ ଦେଖାଯାଏ। ଏହି ପ୍ରତିମା ଏକ ଚତୁର୍ଭୁଜ ଆକାରର କଳା ପଥରରେ ତିଆରି କରାଯାଇଛି। ଏଠାରେ ଲାଲ୍ ବସ୍ତ୍ର ପିନ୍ଧିଥିବା ମା'କାଳୀଙ୍କ ଜିଭ ବହୁତ ଲମ୍ବା, ଯାହା ସୁନାରେ ତିଆରି ହୋଇଛି। ସେହିପରି ମା'ଙ୍କର ସୁନାର ଦାନ୍ତ। ଆଖି ତଥା ମୁଣ୍ଡ ଗେରୁଆ ସିନ୍ଦୁର ରଙ୍ଗର ହୋଇଥିବା ବେଳେ ମଥାରେ ମଧ୍ୟ ଗେରୁଆ ସିନ୍ଦୁରର ତିଳକ ରହିଛି। ମା'ଙ୍କ ପ୍ରତିମାର ହାତ ସ୍ୱର୍ଣ୍ଣ ଅଳଙ୍କାର ଓ ବେକ ଲାଲ୍ ଫୁଲର ମାଳାରେ ସୁସଜ୍ଜିତ। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ସହିତ ସିନ୍ଦୁର ମଧ୍ୟ ଦିଆଯାଏ।

କାଳୀଘାଟ କାଳୀ ମନ୍ଦିରର ଅପୂର୍ବ ପରମ୍ପରା ରହିଛି। ବଙ୍ଗଳାରେ କାଳୀପୂଜା ଦିନ ଯେଉଁଠି ଘର ଓ ମଣ୍ଡପରେ କାଳୀଙ୍କ ଆରାଧନା କରାଯାଏ, ସେଠାରେ ଏହ ଶକ୍ତିପୀଠରେ ଲକ୍ଷ୍ମୀସ୍ୱରୂପା ଦେବୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ। ଦୁର୍ଗାପୂଜା ବେଳେ ଷଷ୍ଠି ରୁ ଦଶମୀ ଯାଏ ମନ୍ଦିରରେ ଭକ୍ତଙ୍କର ପ୍ରବଳ ଭିଡ଼ ଲାଗିରହେ। ଦୂର୍ଗାପୂଜା ସମୟରେ ଦଶମୀ ତିଥିରେ ହିଁ ମହିଳା ମାନଙ୍କ ପାଇଁ ସିନ୍ଦୁର ଖେଳର ଭବ୍ୟ ଆୟୋଜନ ହୋଇଥାଏ। ଏହି ଲକ୍ଷ୍ମୀ ମନ୍ଦିରରେ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କେବଳ ମହିଳା ମାନେ ପ୍ରବେଶ କରିବାର ସୁଯୋଗ ପାଆନ୍ତି। ଏହି ସମୟରେ ପୁରୁଷ ମାନଙ୍କର ମନ୍ଦିର ପ୍ରବେଶ ସଂପୂର୍ଣ୍ଣ ନିଷେଧ ରହିଥାଏ। ଏଠାରେ ପ୍ରତିଦିନ ମା'କାଳୀଙ୍କ ପାଇଁ ଛପନ ଭୋଗ ଲଗା ଯିବାର ବ୍ୟବସ୍ଥା ରହିଛି। ଏଠାରେ ମୂଳ ପୂଜା ଠାରୁ ଆରମ୍ଭ କରି ସିନ୍ଦୁର ଖେଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ।

ଦକ୍ଷିଣେଶ୍ୱର କାଳୀ ମନ୍ଦିର ଗଙ୍ଗାର ପୂର୍ବ ତଟରେ ଅବସ୍ଥିତ। ଏହା ମା'କାଳୀଙ୍କର ଏକ ଭବ୍ୟ ମନ୍ଦିର ଭାବେ ଖ୍ୟାତ। ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ୧୮୪୭ ଶତାବ୍ଦୀରେ ଆରମ୍ଭ ହୋଇଥିଲା। କୁହାଯାଏ ଯେ, ଜାନ୍ ବଜାରର ମହାରାଣୀଙ୍କୁ ସ୍ୱପ୍ନରେ ମା'କାଳୀ ମନ୍ଦିର ନିର୍ମାଣ ପାଇଁ ଆଦେଶ ଦେଇଥିଲେ। ଏହି ଭବ୍ୟ ମନ୍ଦିରରେ ମା'ଙ୍କର ମୂର୍ତ୍ତି ଶ୍ରଦ୍ଧାର ସହ ସ୍ଥାପିତ ହୋଇଛି। ୧୮୫୫ ରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ହେଇଥିଲା। ଏହି ମନ୍ଦିର ୨୫ ଏକର ଜମି ଉପରେ ଅବସ୍ଥିତ। ଦକ୍ଷିଣେଶ୍ୱର ମା'କାଳୀ ମନ୍ଦିରର ଭିତର ଭାଗରେ ରୂପାରେ ତିଆରି ଏକ ପଦ୍ମ ଫୁଲ ଭିତରେ ରହିଛି ଏକ ହଜାର ପାଖୁଡ଼ା, ଯାହାର ଅପରୂପ ସୌନ୍ଦର୍ଯ୍ୟ



ଦେଖିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ଜମେ। ଏହି ପଦ୍ମ ଫୁଲ ଉପରେ ମା'କାଳୀ ନିଜ ଅସ୍ତ୍ରଶସ୍ତ୍ର ଧରି ଭଗବାନ ଶିବଙ୍କ ଉପରେ ଛିଡ଼ା ହୋଇଥିବା ଦେଖାଯାଏ। ମା'କାଳୀଙ୍କ ମନ୍ଦିର ନବରତ୍ନ ଭଳି ନିର୍ମିତ ହୋଇଛି। ଏହାର ଓସାର ୪୬ ଫୁଟ ଓ ଉଚ୍ଚତା ୧୦୦ଫୁଟ। ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ୧୨ ଟି ଗମ୍ବୁଜ ରହିଛି। ଏହି ବିଶାଳ ମନ୍ଦିରର ଚାରିପାଖରେ ଭଗବାନ ଶିବଙ୍କର ୧୨ ଟି ମନ୍ଦିର ସ୍ଥାପିତ ହୋଇଛି। ମା'କାଳୀଙ୍କ ମନ୍ଦିର ବିଶାଳ ସୌଧ ଭଳି ମଜଭୁତ ଚଟାଣ ଉପରେ ରହିଛି।



ଦୁର୍ଗାପୂଜା ବେଳେ କୋଲକାତାର କାଳୀଘାଟ ଓ ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ସେଥିପାଇଁ ଦେଶ ବିଦେଶର ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା'ଙ୍କ କାଳୀପୂଜା ବେଳେ କୋଲକାତା ଆସିଥାନ୍ତି। ନବରାତ୍ରିରେ ଏଠାରେ ମୂଳ ପୂଜା ଠାରୁ ଆରମ୍ଭ କରି ସିନ୍ଦୁର ଖେଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

## ବନୀକରଣ ପାଇଁ ଅଣ୍ଟା ଭିଡ଼ିଲେ ଦୃଷ୍ଟିବାଧିତ ବିଦ୍ୟାର୍ଥୀ



ଭୁବନେଶ୍ୱର (ପିଏନ୍): ସେମାନେ ଦୁନିଆକୁ ଦେଖିପାରନ୍ତି ନାହିଁ କିନ୍ତୁ ଦୁନିଆକୁ ଆଲୋକିତ କରିବା ପାଇଁ ସେମାନଙ୍କ ମନ ଓ ହୃଦୟରେ ଦୃଢ ମନୋବଳ, ଆଗ୍ରହ, ଅମାପ ଆତ୍ମବିଶ୍ୱାସ ଓ ପ୍ରୟାସର ଭରପୁର ଶକ୍ତି ରହିଥାଏ, ଯାହା ଦେଖିବାକୁ ମିଳିଛି ଭୁବନେଶ୍ୱର କଳିଙ୍ଗ ନଗରଠାରେ ଆୟୋଜିତ ସିଡ୍‌ସବଲ୍ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ। ସେମାନେ ସବୁଜ ବଳୟକୁ ଦେଖିପାରୁ ନଥିଲେ ମଧ ଉଜୁଡ଼ା ପରିବେଶକୁ ସବୁଜିମା ଭରା କରିବା ପାଇଁ ମନରେ ପ୍ରବଳ ଉତ୍କଣ୍ଠା ସହ ଅଣ୍ଟାଭିଡ଼ି ଆଗେଇ ଆସିଛନ୍ତି କିଛି ଦୃଷ୍ଟିବାଧିତ ବିଦ୍ୟାର୍ଥୀ। ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସର୍ବମୋଟ ୧୫ଜଣ ଦୃଷ୍ଟିବାଧିତ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ମାଟି, ଜୈବିକ ସାର, ମଞ୍ଜିକୁ ବ୍ୟବହାର କରି ପ୍ରାୟ ୧ ଘଣ୍ଟା ମଧରେ ପାଖାପାଖି ୧ ହଜାର ସିଡ୍‌ସ୍‌ବଲ ପ୍ରସ୍ତୁତ କରିପାରିଛନ୍ତି। ଉଜୁଡ଼ି ଯାଇଥିବା ସବୁଜିମାକୁ ପୁଣିଥରେ ସବୁଜିମାମୟ କରିବା ପାଇଁ ସିଡ୍‌ସବଲ ପ୍ରକ୍ରିୟା ହେଉଛି ଏକ ସହଜ, ସରଳ ମାଧମ। ସ୍ୱଳ୍ପଖର୍ଚ୍ଚ ଓ କମ୍ ପରିଶ୍ରମରେ ପ୍ରଭାବୀ ବନୀକରଣ ଏହାଦ୍ୱାରା ସମ୍ଭବ ହୋଇପାରିଥାଏ। ପ୍ରସ୍ତୁତ ସିଡ୍‌ସ ବଲଗୁଡ଼ିକୁ ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା ଜଙ୍ଗଲର ଖାଲିଥିବା ସ୍ଥାନରେ ବର୍ଷାଋତୁ ଆସିବା ପୂର୍ବରୁ ପକାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ବ୍ୟାପକ କରିବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ସାମିଲ୍ କରାଯିବାର ଲକ୍ଷ୍ୟ ରହିଛି ବୋଲି ସୁଶାନ୍ତ କହିଛନ୍ତି। ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ଏତାଦୃଶ ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ପ୍ରଶଂସା କରାଯାଇଛି।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଫୁଲନଖରା, (ସବ୍ୟୁ)-ସଦର ଥାନା ଅନ୍ତର୍ଗତ ମହୀଧରପଡ଼ା ସରକାରୀ ନୋଡ଼ାଲ ହାଇସ୍କୁଲରେ ବାରଙ୍ଗ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ନିଆଳି ବିଧାୟକ ଡା. ପ୍ରମୋଦକୁମାର ମଲିକ ମୁଖ୍ୟ ଅତିଥିଭାବେ ଉଦଘାଟନ କରିଥିଲାବେଳେ ବିଡ଼ିଓ ପ୍ରଭାକର ପଣ୍ଡା, ଅତିରିକ୍ତ ବିଡ଼ିଓ ବିଜୟକେତନ ଚୌଧୁରୀ, ଜିଲା ବିଜେଡ଼ି ସମ୍ପାଦକ ଅକ୍ଷୟ ମହାନ୍ତି, ବ୍ଲକ ସଭାପତି ଗୋଲେଖ ପାତ୍ର, ଯୁବ ବିଜେଡ଼ି ସଭାପତି ଶଶିଭୂଷଣ ଦାଶ, ବିପ୍ଳବ ଯାଦବ, ସରପଞ୍ଚ ନରୋତ୍ତମ ଦାସ, ସରପଞ୍ଚ ପଦ୍ମିନୀ ପ୍ରଧାନ, ସରପଞ୍ଚ ସରୋଜ ମହାପାତ୍ର, ସମିତି ସଭ୍ୟ ବେଣୁଧର ମୂଳିଆ, ବିରାଜିନୀ ସାମଲ, ବିଶ୍ୱରଂଜନ ସାହୁ, ପ୍ରାକ୍ତନ ଅଧକ୍ଷ ସରୋଜ ସାହୁ, ଲକ୍ଷ୍ମୀଧର ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରଦୀପ ଭୋଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତି ସଭ୍ୟ ବିଜୟ କେଶରୀ ମହାପାତ୍ର, ଲଳିତକୁମାର ଦାଶ, ଅଶୋକ ରଥ, ସାଧନା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ଡାକ୍ତର ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀମାନଙ୍କୁ ମାଗଣାରେ ଔଷଧ ବିତରଣ ହୋଇଥିଲା। ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଭାଷଚନ୍ଦ୍ର ଗୋଛାୟତ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସନାତନ ବେହେରା, ଫାର୍ମାସିଷ୍ଟ ଭରତଚନ୍ଦ୍ର ମଲିକ ଶିବିର ପରିଚାଳନା କରିଥିଲା ବେଳେ ସ୍ୱାସ୍ଥ୍ୟ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀମାନେ ସହଯୋଗ କରିଥିଲେ।

# ଓଡିଆ ସଂସ୍କୃତି ଜଗତର କାଳଜୟୀ ପୁରୁଷ ପ୍ରଫୁଲ୍ଲ କରଙ୍କ ବିୟୋଗରେ ସିପିଆଇଏମ୍ ପକ୍ଷରୁ ଗଭୀର ଶୋକ ପ୍ରକାଶ

ଭୁବନେଶ୍ୱର (ପିଏନ୍): ଓଡିଶା ସଂସ୍କୃତି ଜଗତର ଖ୍ୟାତନାମା ବିନ୍ଧାଣି, ଗାୟକ, ଗୀତିକାର, ସଂଗୀତ ନିର୍ଦ୍ଦେଶକ ତଥା ଲେଖକ ପଦ୍ମଶ୍ରୀ ପ୍ରଫୁଲ୍ଲ କରଙ୍କ ବିୟୋଗରେ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରି ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଓଡିଶା ପ୍ରଗତିଶୀଳ ସାହିତ୍ୟ ଓ ସଂଗୀତ କ୍ଷେତ୍ରରେ ପ୍ରଫୁଲ୍ଲ କରଙ୍କର ଅନବଦ୍ୟ ଅବଦାନ ପାଇଁ ଆମ ସମସ୍ତଙ୍କ ପ୍ରିୟ (ପ୍ରଫୁଲ୍ଲ ଭାଇନା) ପ୍ରତ୍ୟେକ ଓଡିଆଙ୍କ ପାଇଁ ଚିରସ୍ମରଣୀୟ। ବାମପନ୍ଥୀ ଆନ୍ଦୋଳନର ନିକଟତମ ବନ୍ଧୁ ଓ ଦରଦୀ ଭାବେ ସେ ଥିଲେ ଆମ ସମସ୍ତଙ୍କ ପ୍ରିୟ ପ୍ରଫୁଲ୍ଲ ଭାଇନା। ଶାସ୍ତ୍ରୀୟ, ଆଧୁନିକ, ଭଜନ ସହ ସମାଲୋଚନା ଧର୍ମ, ଶୋଷଣ ନିଷ୍ପେସନ ବିରୋଧୀ ସଂଗୀତ ସଂରଚନା ଇତ୍ୟାଦି ଗାୟନକୁ ଭିନ୍ନ ରୂପରେ ସଜାଇବା ଦିଗରେ ପ୍ରଫୁଲ୍ଲ କରଙ୍କ କୃତି ଫଳରେ ଓଡିଶା କାହିଁକି, ଦେଶ ବିଦେଶରେ ଓଡିଆ ଗୀତ ସଂଗୀତ କୁ ପରିଚିତ କରି ପାରିଥିଲେ। "ତେଲର ଶିଶି ଭାଙ୍ଗି ଦେଲି ବୋଲି ମାଡ ଦେଲୁ ମା", "ବହି ଯାଏରେ ଗଙ୍ଗା ଉଡେ ତିରଙ୍ଗା. "ଜାଗ ଜାଗରେ ସାଥୀ ଗାଇ ଜୟ ଗୀତି ମୁକ୍ତିର ମଶାଲ ଧରି", "ବିଜୁଳି ତୋର ଶାସନ ଗଲାଣି ହୁଗୁଳି" ଭଳି ଶିହରଣ ସୃଷ୍ଟିକାରୀ ଗୀତ ଯୋଗୁଁ ସାମାଜିକ ପରିବର୍ତ୍ତନ ଏବଂ ଅନ୍ୟାୟ, ଅତ୍ୟାଚାର, ଅବିଚାର, ଦୁର୍ନୀତି, ଅସମତା ବିରୁଦ୍ଧରେ ସଂଗ୍ରାମରତ ଶକ୍ତିଙ୍କ ପାଇଁ କାଳ କାଳ ଧରି ପ୍ରେରଣା ଦାୟୀ ହୋଇ ରହିବେ। ଜଗନ୍ନାଥ ଭଜନ, ଜଣାଣ ଆଦିପାଇଁ ସେ ପ୍ରତ୍ୟେକ ଓଡିଆଙ୍କ ଘରେ ଘରେ ପରିଚିତ। ସେହିପରି ଓଡିଶାର ସାଂସ୍କୃତିକ ଜଗତରେ ଧର୍ମନିରପେକ୍ଷତା ପ୍ରତି ଅତୁଟ ବିଶ୍ୱାସ ଓ ସାଂପ୍ରଦାୟିକ ଶକ୍ତିମାନଙ୍କ ପ୍ରତି ଘୃଣାର ପ୍ରତୀକ ଭାବେ ସେ ପରିଚିତ ଥିଲେ। ଜଣେ ଦରଦୀ, ଅନ୍ୟର ଦୁଃଖରେ ଦୁଃଖୀ, ସ୍ନେହ ଆଦରଣୀୟ ଆଚାର ଓ ବ୍ୟବହାର, ମଣିଷ ପଣିଆ ପାଇଁ ସେ ଚିର ଦିନ ଜୀବିତ ରହିବେ। ପ୍ରଫୁଲ୍ଲ କରଙ୍କର ଆବର୍ତ୍ତନମାନରେ ଆଚାର ଓ ବ୍ୟବହାର, ମଣିଷ ପଣିଆ ପାଇଁ ସେ ଚିର ଦିନ ଜିବୀତ ରହିବେ। ପ୍ରଫୁଲ୍ଲ କରଙ୍କ ଅବର୍ତ୍ତନମାନରେ ଓଡିଶାର କେବଳ ସାଂସ୍କୃତିକ ଜଗତ ନୁହେଁ ସାଧାରଣ ଜୀବନରେ ମଧ୍ୟ ଏକ ବିରାଟ ଶୂନ୍ୟତା ସୃଷ୍ଟି ହେଲା। ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଓଡିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ତାଙ୍କ ପରିବାରର ଦାରୁଣ ଦୁଃଖରେ ସହଭାଗ ହୋଇଛନ୍ତି।




**ଭୁବନେଶ୍ୱର, ୨୦୨୩, ଜୁଲାଇ ୫**

# ଦର୍ପଣର ଶିକ୍ଷା


ଉମାଶଙ୍କର ପ୍ରସାଦ

ମଣିଷକୁ ଦର୍ପଣ ଏକ ମହାନ ଶିକ୍ଷା ଦେଇଥାଏ। ମଣିଷ ଯେତେବେଳେ ନିଜର ଚେହେରା ଦର୍ପଣରେ ନିରୀକ୍ଷଣ କରିଥାଏ ତା ଚେହେରାରେ ଥିବା ଉକ୍ତ ଦାଗକୁ ସଫା କରିବା ପାଇଁ ଚେଷ୍ଟା କରିଥାଏ ନାଁ ଦର୍ପଣକୁ ଭାଙ୍ଗି ଦେଇଥାଏ। ଠିକ୍ ସେହିଭଳି ଦର୍ପଣ ଯେପରି ଆମ ଶରୀରରେ ଓ ମୁଖରେ ଥିବା ଦାଗକୁ ଦେଖାଇବା ସହ ତାହାକୁ ସଫା କରିବା ପାଇଁ ପ୍ରେରଣା ଦେଇଥାଏ। ଠିକ୍ ଆମ ସମାଜର ପ୍ରଜ୍ଞାବାନ ତଥା ବିଜ୍ଞବ୍ୟକ୍ତିମାନେ ଆମ ଭିତରେ ଥିବା ଦୁର୍ଗୁଣକୁ ଦର୍ପଣ ଭଳି ଦର୍ଶାଇଥାନ୍ତି। ଆମେ ଦର୍ପଣ ଦେଖି ଆମ ଚେହେରା ସଫା କରିଲାଭଳି ଆମ ଭିତରେ ଥିବା ଉକ୍ତ ଦୁର୍ଗୁଣକୁ ଦୂର କରିବା ନିତ୍ୟାନ୍ତ ଆବଶ୍ୟକ। ବାବା ସାହେବ ଆମ୍ବେଦକରଙ୍କର ପିଲା ଦିନର କଥା। ପିଲାଟି ଦିନରୁ ଏଇ ଜାତିଆଣ ଭେଦଭାବ, ଉଚ୍ଚ, ନୀଚ ମନୋଭାବ ଭିତରେ ନିଜର ସଂଘର୍ଷମୟ ଜୀବନ ସୋପାନରେ ତାଙ୍କୁ ଗତି କରିବାକୁ ପଡିଥିଲା। ଜଣେ ଉଚ୍ଚ କୂଳର ସ୍ତ୍ରୀକୁ ତାଙ୍କ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ଦୋଚାରୁଣୀର ଆଖ୍ୟା ଦେଇ ଘରୁ ବିତାଡିତ କରିଦେଇଥିଲେ। ଉକ୍ତ ସ୍ତ୍ରୀ ଲୋକଟିର କାକୁତି ମିନତି ଯୋଗୁଁ ବାବାସାହେବଙ୍କ ପିତା ରାମଜି ସତପାଲ ସେ ସ୍ତ୍ରୀ ଲୋକଟିକୁ ନିଜଘରେ ଆଶ୍ରୟ ଦେଇଥିଲେ, ଯାହା ସେତେବେଳେର ଉଚ୍ଚ ସମ୍ପ୍ରଦାୟର ଲୋକମାନଙ୍କୁ ଲଜ୍ଜିତ କରିଥିଲା। ସେମାନେ ଚକ୍ରାନ୍ତ କରି ରାମଜି ସତପାଲ୍ ଘରେ ନ ଥିବା ସମୟର ସୁଯୋଗ ନେଇ ଉକ୍ତ ସ୍ତ୍ରୀ ଲୋକକୁ ପିଟିପିଟି ମାରିଦେଇଥିଲେ। ଯେତେବେଳେ ରାମଜି ସତପାଲ୍ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ ସେତେବେଳେ ସେ ସବୁ ବିଷୟ ଶୁଣିଥିଲେ, ଯେହେତୁ ସେ ଜଣେ ଅବସର ପ୍ରାପ୍ତ ସୁବେଦାର ଥିଲେ ତେଣୁ ସେ ଥାନାଧିକାରଙ୍କ ପାଖକୁ ଯାଇ ସମସ୍ତ ବିଷୟ ବର୍ଣ୍ଣନା କରିବା ସତ୍ତ୍ୱେ ମଧ୍ୟ ଥାନାଧିକାରୀଙ୍କଠାରୁ କୌଣସି ସାହାଯ୍ୟ ସହାନୁଭୂତି ନ ପାଇ ଉକ୍ତ ମୃତ ସ୍ତ୍ରୀର ଶବକୁ ଦାହ ସଂସ୍କାର କରିଦେଇଥିଲେ। ଏହି ବିଷୟକୁ ନେଇ ଉଚ୍ଚ ସମ୍ପ୍ରଦାୟର ଲୋକମାନେ ମିଳିତଭାବେ ଥାନାରେ ତାଙ୍କ ସମ୍ପ୍ରଦାୟର ମୃତ ସ୍ତ୍ରୀଙ୍କୁ ଜଣେ ନୀଚ ସମ୍ପ୍ରଦାୟର ବ୍ୟକ୍ତି ଦାହ ସଂସ୍କାର କରିବା ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଫଳରେ ଥାନା ଅଧିକାରୀ ଉଚ୍ଚ କୂଳର ଲୋକଙ୍କ ଋପରେ ପଡି ରାମଜି ସତପାଲ୍‌ଙ୍କୁ ଗିରଫ କରି ଥାନା ହାଜତକୁ ନେଇଯାଇଥିଲେ। ଏହି ଅନ୍ୟାୟ ବିରୁଦ୍ଧରେ ୬ବର୍ଷର ବାଳକ ବାବା ସାହେବ ନିଜର ଗୁରୁ ଆମ୍ବେଦକରଙ୍କଠୁ ବାରିଷ୍ଟରଙ୍କ ଠିକଣା ନେଇ ତାଙ୍କୁ ନିଜର ପିତାଙ୍କୁ ମୁକୁଳେଇବା ପାଇଁ ବିନୟ ହୋଇଥିଲା। ବାରିଷ୍ଟର ତା'ର କେଶ୍ ଲଢିବା ପାଇଁ ୫ଜଣଙ୍କର ସାକ୍ଷ୍ୟ ପ୍ରମାଣ ପତ୍ର ଏବଂ ଫିସ୍ ବାବଦକୁ ଦେଢ ଟଙ୍କା ମାଗିଥିଲେ। ବାବା ସାହେବ ପିଲାଟି ଦିନରୁ ମହତ୍ତ୍ୱାକାଂକ୍ଷୀ ଥିଲେ, ତେଣୁ ସେ ଏହି ସବୁ ଯୋଗାଡ କରି ବାରିଷ୍ଟରଙ୍କ ପାଖରେ ପଇଠ କରିଥିଲେ। ମାତ୍ର ଉଚ୍ଚ କୂଳର ସମ୍ପ୍ରଦାୟ ଲୋକମାନଙ୍କ ଋପରେ ସେ ଛୋଟ ପିଲାଟିକୁ ତା'ର ପ୍ରଦତ୍ତ ଫିସ୍ ଫେରାଇ ଦେଇ ତା'ର ମକଦମା ଲଢି ପାରିବେନି ବୋଲି କହିଥିଲେ। ନିରାଶ ହୋଇ ବାବା ସାହେବ ଫେରିବା ସମୟରେ ବାରିଷ୍ଟରଙ୍କୁ କହିଥିଲେ "ବାରିଷ୍ଟର ସାହେବ ମୋର ପିତା ମୋତେ ସବୁଦିନ ଏଇ ଶିକ୍ଷା ଦେଇଥାନ୍ତି, ଯେ ତୁମେ ତୁମର ଦୈନନ୍ଦିନ କରିଥିବା କାର୍ଯ୍ୟକୁ ଦର୍ପଣ ସମ୍ମୁଖରେ ଠିଆହୋଇ ନିଜର ମନକୁ ପ୍ରଶ୍ନ କର ଯେ ତୁମେ ଯାହା କରିଛ ଦର୍ପଣ ତାହାକୁ କେଉଁ ପରି ଭାବରେ ଗ୍ରହଣ କରୁଛି। ଯଦି ତୁମେ ସାରା ଦିନ ଭିତରେ ଭଲ କର୍ମ ସମାଜର କଲ୍ୟାଣାର୍ଥେ କର୍ମ କରିଥାଅ, ତେବେ ଦର୍ପଣ ସମ୍ମୁଖରେ ତୁମର ଚେହେରା ହସ ହସ ତଥା ଉତ୍ ଫୁଲ୍ଲିତ ଦେଖାଦେବ। ମାତ୍ର ଯଦି କିଛି ଅନ୍ୟାୟ, ଅନୀତି କରିଥାଅ ତୁମ ମନ ତୁମକୁ ଧିକ୍କାର କରିବ। ତେବେ ଆପଣ କାଲି କଚେରୀକୁ ଯିବା ସମୟରେ ଦର୍ପଣରେ ଆପଣ ଆପଣଙ୍କ ଚେହେରା ଦେଖିବା ସମୟରେ ଆପଣଙ୍କ ଅନ୍ତଃମନକୁ ପ୍ରଶ୍ନ ପଚାରିବେ ଆପଣ ଯାହ କରିଛନ୍ତି ତାହା ଠିକ୍ ନା ଭୂଲ୍? କୋମଳ ମତି ଶିଶୁଟିର ଏପରି ଗଭୀରତମ ଶିକ୍ଷା ବାରିଷ୍ଟରଙ୍କୁ ରାତିରେ ସୁଖ ନିଦ୍ରା ଦେଇ ନ ଥିଲା। ପରଦିନ ଅଦାଲତରେ କେଶ୍ ପଡିଲାବେଳେ ପ୍ରତିପକ୍ଷ ଓକିଲ ରାମଜି ସତପାଲ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରୁଥିବା ବେଳେ, ବାବା ସାହେବ ଦୁଃଖରେ କୋର୍ଟରେ ମଥାନତ କରି ବସିଥିବା ସମୟରେ ବାରିଷ୍ଟର ସାହେବ ପଂହଚି ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ଖଣ୍ଡନ କରିବା ସହ ରାମଜି ସତପାଲ୍‌ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ, ଏବଂ କୋର୍ଟ ଭିତରେ କହିଥିଲେ ଗତକାଲି ରାତିରେ ଏ କୋମଳମତି ବାଳକ ଯେଉଁ ଦର୍ପଣର ଶିକ୍ଷା ମୋତେ ଦେଇଥିଲା ତାହା ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ଜରୁରୀ। ତୁମ କଲା କର୍ମର ମୂଲ୍ୟାୟନ ତୁମେ ଦର୍ପଣ ସମ୍ମୁଖରେ ଠିଆ ହୋଇ ମନକୁ ପଋରିଲେ ତୁମର ଉତର ତୁମକୁ ଦର୍ପଣରେ ତୁମ ଚେହେରା ବତାଇଦେବ। ଏହା ଥିଲା ସେ ଦିନର ଶିଶୁ ବାବା ସାହେବ ଆମ୍ବେଦକରଙ୍କ ଦର୍ପଣର ଶିକ୍ଷା।

ସ୍ତମ୍ଭକାର ତଥା ସାମ୍ବାଦିକ,ଖୋର୍ଦ୍ଧା
ମୋ ନଂ-୮୮୯୫୫୪୭୪୯୦

# ପ୍ଲାଷ୍ଟିକ ବ୍ୟାଗମୁକ୍ତ ଦିବସ : ଦୂରେଇବା ପ୍ଲାଷ୍ଟିକ....


ଅଲେଖ ଚନ୍ଦ୍ର ସାମଲ

ପ୍ରତିବର୍ଷ ଜୁଲାଇ ୩ ତାରିଖରେ ସାରା ବିଶ୍ୱରେ ପାଳିତ ହୁଏ ପ୍ଲାଷ୍ଟିକ ବ୍ୟାଗମୁକ୍ତ ଦିବସ। ଏହି ଦିବସ ଅବସରରେ ପ୍ଲାଷ୍ଟିକ ବ୍ୟାଗକୁ ବ୍ୟବହାର ନକରିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥାଏ। ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ହୋଇସାରିବା ପରେ ଏଣେତେଣେ ଫିଙ୍ଗା ଯାଇଥାଏ। ଯାହା ମାଟିରେ ମିଶିପାରିନଥାଏ। ଫଳରେ ଏହା ପର୍ଯ୍ୟାବରଣ ନଷ୍ଟ କରିବା ସହ ବର୍ଷା ଜଳକୁ ମଧ୍ୟ ଭୂଗର୍ଭ ମଧ୍ୟକୁ ଭେଦିବାକୁ ଦେଇନଥାଏ। ବାହାରେ ପଡ଼ିଥିବା ଖାଦ୍ୟଦ୍ରବ୍ୟକୁ ଖାଇବା ବେଳେ ଗୋରୁଗାଈ ମଧ୍ୟ ବେଳେ ବେଳେ ଜରି ଖାଇଥାନ୍ତି, ଫଳରେ ସେମାନଙ୍କର ମୃତ୍ୟୁ ଘଟିଥାଏ। ଏକ ଗବେଷଣାରୁ ଜଣାଯାଇଛି ଯେ, ମାତ୍ର କିଛି ସମୟ ପାଇଁ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ବ୍ୟାଗକୁ ମାଟିରେ ମିଶିବା ପାଇଁ ପ୍ରାୟ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ। ତେଣୁ ପ୍ଲାଷ୍ଟିକ ବ୍ୟାଗ ବଦଳରେ କାଗଜ ବ୍ୟାଗ ବ୍ୟବହାର କରିବାକୁ ବୈଜ୍ଞାନିକମାନେ ମତ ଦେଇଥାନ୍ତି। ଏଭଳି କରିବା ଦ୍ୱାରା ପର୍ଯ୍ୟାବରଣ ସୁରକ୍ଷିତ ରହିବା ସହ ଭୂତଳ ଜଳର ମାତ୍ରା ମଧ୍ୟ ବୃଦ୍ଧି ପାଇପାରିବ। ପ୍ଲାଷ୍ଟିକ ବ୍ୟାଗମୁକ୍ତ ପାଳନ ଅବସରରେ ଗୋଟିଏ ଦିନ ପାଇଁ ହେଉପଛେ, କାଗଜ ଥଳି ବ୍ୟବହାର କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଯାଇଥାଏ। ଆଜିକାଲି ଏହି ପ୍ଲାଷ୍ଟିକ ଆମ ପାଇଁ ସହଜ ଓ ସୁବିଧା ଉପଲବ୍ଧ ହେଉଥିବାବେଳେ ଏହା କିନ୍ତୁ ଆମ୍ଭ ମାନଙ୍କର ଦୈନନ୍ଦିନ ଜୀବନ ପ୍ରଣାଳୀ ଓ ପରିବେଶ କ୍ଷେତ୍ର ପାଇଁ ଅତ୍ୟନ୍ତ ବିପଦଜନକ ସାବ୍ୟସ୍ତ ହେଉଛି। ପ୍ଲାଷ୍ଟିକ ବିଷ ଆମ ସମାଜ, ପରିବେଶ ଓ ବ୍ୟକ୍ତିଗତ ଜୀବନକୁ ମଧ୍ୟ ଯେଉଁପରି ଭାବେ ପ୍ରଦୂଷଣ ଭିତରୁ ଠେଲି ଦେଉଛି ତାହା ଅବର୍ଣ୍ଣନୀୟ। ତେଣୁ ଆମ୍ଭେମାନେ ଯଥାସମ୍ଭବ ପ୍ଲାଷ୍ଟିକ ଠାରୁ ଦୂରରେଇ ଏହାର ବିକଳ୍ପ ଭାବରେ ରହିଥିବା କାଗଜ ସାମଗ୍ରୀ ହେଉ ବା ଅନ୍ୟ ପରିବେଶଯୁକ୍ତ ସାମଗ୍ରୀ ବ୍ୟବହାର କରିବାର ଶପଥ ଆଜିର ଦିନରୁ ଆରମ୍ଭ ହେଉ। ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଆମ୍ଭେମାନେ ଏ କ୍ଷେତ୍ରରେ ଶପଥ ନେଇ ପ୍ଲାଷ୍ଟିକକୁ ଦୂରେଇ ଦେବା।

*ପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ୍)*
*ଜୟପୁର ଡିଭିଜନ*
*ଦୂରଭାଷ : ୯୪୩୭୨୫୬୧୨୩*

# ଗୀତା ପ୍ରେସକୁ ଗାନ୍ଧୀ ଶାନ୍ତି ପୁରସ୍କାର


ସର୍ବେଶ୍ୱର ବେହେରା

ଭାରତ ସରକାର ଗୀତା ପ୍ରେସକୁ ୨୦୨୧ ମସିହାର ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି । ଗତ ଏକ ଶତାବ୍ଦୀ ଧରି ଗୀତା ପ୍ରେସ ନିଃସ୍ୱାର୍ଥ ଓ ନିଷ୍ପାପର ଭାବେ ସନାତନ ଧର୍ମର ପ୍ରଚାର ଓ ପ୍ରସାର କରୁଛି । ଗତ ଶହେ ବର୍ଷ ଧରି ଗୀତା ପ୍ରେସ ପ୍ରାୟ ୭୨କୋଟି ପୁସ୍ତକ ପ୍ରକାଶ କରି ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ଏକ କୀର୍ତ୍ତିମାନ ସ୍ଥାପନ କରିଛି । ଏହା ସହିତ ଗୀତା ପ୍ରେସ ମାସିକ ପତ୍ରିକା 'କଲ୍ୟାଣ' ନିୟମିତ ପ୍ରକାଶ କରୁଛି । ଏହାର ସର୍ବାଦୌ ଆଦୃତ ହେଉଛି । ପ୍ରତ୍ୟେକ ବର୍ଷ 'କଲ୍ୟାଣ' ଏକ ବିଶେଷାଙ୍କ ପ୍ରକାଶ କରୁଛି, ଯାହାକୁ ପାଠକମାନେ ପ୍ରତୀକ୍ଷା କରିଥାଆନ୍ତି । ଚଳିତବର୍ଷ ବିଶେଷାଙ୍କର ନାମ ଥିଲା 'ଦୈବୀ ସମ୍ପଦା' । ଗୀତା ପ୍ରେସ୍‌ର ସ୍ଥାପନା ୧୯୨୩ ମସିହା ଏପ୍ରିଲ ମାସରେ ହୋଇଥିଲା । ଏହାର ସଂସ୍ଥାପକ ଶ୍ରୀ ଜୟଦୟାଲ ଗୋଏଙ୍କା (୧୮୮୫-୧୯୬୪) ଥିଲେ । ଉତ୍ତର ପ୍ରଦେଶର ଗୋରଖପୁରଠାରେ ଏହା ପ୍ରତିଷ୍ଠା ହୋଇ ଆଜି ପର୍ଯ୍ୟନ୍ତ ନିରନ୍ତର ଭାବେ ପାଠକମାନଙ୍କ ସେବା କରିଆସୁଛି । ଶ୍ରୀ ଗୋଏଙ୍କା ଭଗବତ୍ ଗୀତା ପ୍ରତି ସମର୍ପିତ ଥିଲେ । ସେ ଗୀତା ପ୍ରେସର ପ୍ରତିଷ୍ଠା ମୁଖ୍ୟତଃ ଗୀତାର ବହୁଳ ପ୍ରଚାର ପ୍ରସାର ପାଇଁ କରିଥିଲେ । ଗତ ଶହେ ବର୍ଷ ଧରି ଗୀତା ପ୍ରେସ ସର୍ବାଧିକ ଶ୍ରୀମଦ୍ ଭଗବତ୍ ଗୀତା ମୁଦ୍ରଣ କରିଛି । ଏ ପର୍ଯ୍ୟନ୍ତ ୧୬କୋଟି ଶ୍ରୀମଦ୍ ଭଗବତ୍ ଗୀତା ବିକ୍ରୟ ହୋଇଛି । ଗୀତା ପୁସ୍ତକ ପରେ ଶ୍ରୀ ହନୁମାନ ଚାଳିଶା ପୁସ୍ତକ ପ୍ରାୟ ୧୦ କୋଟି ମୁଦ୍ରଣ ହୋଇଛି । ତୃତୀୟ ସ୍ଥାନରେ ଶ୍ରୀରାମଚରିତ ମାନସ, ଯାହା ପ୍ରାୟ ତିନି କୋଟିରୁ ଉର୍ଦ୍ଧ୍ୱ ମୁଦ୍ରଣ ହୋଇଛି । ଏ ସମସ୍ତ ପୁସ୍ତକ କେବଳ ସଂସ୍କୃତ ଓ ହିନ୍ଦୀରେ ନୁହେଁ, ଅପିତୁ କେତେକ ପ୍ରାନ୍ତୀୟ ଭାଷାରେ ମଧ୍ୟ ମୁଦ୍ରଣ ହୋଇଛି । ଶ୍ରୀ ଗୋଏଙ୍କାଙ୍କ ସହିତ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର ପରେ ଏହି ସନାତନ ମୂଲ୍ୟବୋଧ କାର୍ଯ୍ୟରେ ସଂଲଗ୍ନ ହେଲେ । ସ୍ୱାମୀ ରାମସୁଖ ଦାସ, ଶ୍ରୀ ଚମ୍ପନଲାଲ ଗୋସ୍ୱାମୀ, ସ୍ୱାମୀ ଅଖଣ୍ଡାନନ୍ଦ ସରସ୍ୱତୀ ଆଦି ମହାନ ସଂସ୍କାରକମାନେ ଏହାର କଳେବର ବର୍ଦ୍ଧିତ କରିଛନ୍ତି । ଶ୍ରୀ ପୋଦ୍ଦାର 'କଲ୍ୟାଣ' ମାସିକ ପତ୍ରିକା ପ୍ରକାଶନ ସହିତ ସନାତନ ଧର୍ମର ବହୁ ଗ୍ରନ୍ଥ ଯଥା- ଶ୍ରୀମଦ୍ ଭଗବତ୍ ଗୀତା, ରାମାୟଣ, ପୁରାଣ, ଭାଗବତ, ଗୋସ୍ୱାମୀ ତୁଳସୀଦାସ ଆଦି ମହାପୁରୁଷଙ୍କ ରଚିତ ଗ୍ରନ୍ଥ ଏବଂ ଶ୍ରୀଚୈତନ୍ୟ ଚରିତାମୃତ ଆଦିକୁ ଜନସାଧାରଣଙ୍କ ନିକଟରେ ସରଳ ଓ ସୁଲଭ ଭାବେ ଉପସ୍ଥାପନ କରିଛନ୍ତି । ସମସ୍ତ ଉପନିଷଦଗୁଡ଼ିକ ସହିତ ଆଦି ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟକୁ ଗୀତା ପ୍ରେସ ମଧ୍ୟ ମୁଦ୍ରଣ କରିଛି । ଗୀତା ପ୍ରେସ ସଂକ୍ଷିପ୍ତ ମହାଭାରତ ଓ ସମ୍ପୂର୍ଣ୍ଣ ମହାଭାରତ ସର୍ବପ୍ରଥମେ ପ୍ରକାଶ କରିଛି । ଉତ୍ତରପ୍ରଦେଶ ସହିତ ହିନ୍ଦୀ ଭାଷାଭାଷୀ କ୍ଷେତ୍ରରେ ସଂସ୍କାରିତ ପରିବାରରେ 'କଲ୍ୟାଣ' ପତ୍ରିକା ଦେଖିବାକୁ ମିଳୁଛି । ଗୀତା ପ୍ରେସର ଚାହିଦା ବିପୁଳ ମାତ୍ରାରେ ଦେଖିବାକୁ ବୃଦ୍ଧି ପାଉଛି । ଦେଶର ପ୍ରମୁଖ ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡମାନଙ୍କରେ ଗୀତା ପ୍ରେସର ପୁସ୍ତକ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି । ଏହାର ଏକମାତ୍ର କାରଣ ଯେ ଗୀତା ପ୍ରେସ ସନାତନ ସେବା ନିମିତ୍ତ ସମର୍ପିତ ଏକ ସଂସ୍ଥା, କୌଣସି ବ୍ୟବସାୟିକ ସଂସ୍ଥା ନୁହେଁ । ଏହାର ଉଦ୍ଦେଶ୍ୟ ରୋଜଗାର କରି ଲାଭାନ୍ୱିତ ହେବା ନୁହେଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଗୀତା ପ୍ରେସ ଆଜି ପର୍ଯ୍ୟନ୍ତ କୌଣସି ବିଜ୍ଞାପନ, ସରକାରୀ ପୃଷ୍ଠପୋଷକତା କିମ୍ବା ଦାନ ଗ୍ରହଣ କରୁନାହିଁ । ୧୯୨୬ରୁ 'କଲ୍ୟାଣ' ପତ୍ରିକା ମାସିକ ନିରନ୍ତର ବହୁଳ ପ୍ରକାଶନ ହେଉଛି । କିନ୍ତୁ ଏହି ପତ୍ରିକାରେ କୌଣସି ବିଜ୍ଞାପନ ଦେଖିବାକୁ ମିଳେନାହିଁ । ସମାଜରେ ସନାତନ ମୂଲ୍ୟବୋଧର ପ୍ରଚାର ପ୍ରସାର ଏହାର ଏକମାତ୍ର ଲକ୍ଷ୍ୟ । ଏଣୁ କୌଣସି ଲାଭ ନରଖି କେବଳ ଉତ୍ପାଦନ ମୂଲ୍ୟ ସହିତ ପୁସ୍ତକଗୁଡିକ ବିକ୍ରି ହୋଇଥାଏ । ଗୀତା ପ୍ରେସର ପ୍ରାୟ ୧୮୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶନ ମଧ୍ୟରୁ ୭୫୦ ହିନ୍ଦୀ ଓ ସଂସ୍କୃତରେ ପ୍ରକାଶିତ ହୋଇଛି । ବାକି ସମସ୍ତ ଭାରତର କେତେକ ପ୍ରାନ୍ତୀୟ ଭାଷାରେ ପ୍ରକାଶ ହୋଇଛି । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ରାମମନ୍ଦିର ସମ୍ବନ୍ଧୀୟ ନିର୍ଣ୍ଣୟ ଆସିବା ପରେ ୨୦୨୧ ମସିହାରେ ଗୀତା ପ୍ରେସ 'ଅଯୋଧ୍ୟା ଦର୍ଶନ' ନାମରେ ଏକ ସୁନ୍ଦର ପୁସ୍ତକ ପ୍ରକାଶ କରିଛି । ୧୨୮ ପୃଷ୍ଠା ବିଶିଷ୍ଟ ରଙ୍ଗୀନ ପୁସ୍ତକରେ ଅଯୋଧ୍ୟାର ରାୟ ସହିତ ଅଯୋଧ୍ୟାରେ ଥିବା ମୁଖ୍ୟ ମନ୍ଦିରଗୁଡ଼ିକର ସଂକ୍ଷିପ୍ତ ପରିଚୟ ପ୍ରଦାନ କରାଯାଇଛି। ଏଥିରେ ଅଯୋଧ୍ୟାର ଶାସ୍ତ୍ରୀୟ ମହତ୍ତ୍ୱକୁ ଅତି ସରଳ ଭାଷାରେ ଉଲ୍ଲେଖ କରାଯାଇଛି । ବିଶ୍ୱର ଜନସାଧାରଣଙ୍କ ପାଇଁ ଇଂରାଜୀ ଭାଷାରେ ଶ୍ରୀମଦ ଭଗବତ୍ ଗୀତା, ହନୁମାନ ଚାଳିଶା, ଶ୍ରୀରାମଚରିତ ମାନସ ଆଦି ପ୍ରକାଶ ପାଇଛି । ଇଂରାଜୀ ଭାଷାରେ ଏହି ପୁସ୍ତକ ଗୁଡିକ ବିଶ୍ୱରେ ବହୁଳ ଆଦୃତ ହେଉଛି । ଗତ କିଛିଦିନ ତଳେ ଦେଶରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ପ୍ରଚାର କଲେ ଯେ ଗୀତା ପ୍ରେସ ବନ୍ଦ ହୋଇଯିବ । ଏହା ବିପୁଳ କ୍ଷତିରେ ଚାଲୁଛି । କେତେକ ସମ୍ବାଦପତ୍ରରେ ମଧ୍ୟ ଏହା ପ୍ରକାଶ ପାଇଲା । ବାସ୍ତବରେ ଏହା ସତ୍ୟ ନୁହେଁ । କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଏହି ଗୀତା ପ୍ରେସ ନାଁରେ ଚାନ୍ଦା ସଂଗ୍ରହ ପାଇଁ ଏପରି ବିଭ୍ରାନ୍ତକାରୀ ସମ୍ବାଦ ପରିବେଷଣ କରିଥିଲେ । ଗୀତା ପ୍ରେସ କେବଳ ଭାରତରେ ନୁହେଁ, ଅପିତୁ ବିଶ୍ୱର ଏକ ଅଗ୍ରଣୀ ସଂସ୍ଥା । ୨୦୨୦ ମସିହାରେ ଗୀତା ପ୍ରେସ ୧୧ କୋଟି ଅର୍ଥ ବ୍ୟୟ କରି ଜର୍ମାନୀରୁ ପୁସ୍ତକ ବନ୍ଧେଇ (ବାଇଣ୍ଡିଂ) ମେସିନ କ୍ରୟ କରିଛି । ୨୦୨୧ ମସିହାରେ ଜାପାନରୁ ଛଅ କୋଟି ଅର୍ଥ ବ୍ୟୟରେ 'ଫୋର କଲର ଅପସେଟ୍ ପ୍ରିଣ୍ଟିଂ' ମେସିନ କ୍ରୟ କରିଛି । ପୁସ୍ତକଗୁଡିକର ଉତ୍କୃଷ୍ଟ ପ୍ରକାଶନ ଓ ବନ୍ଧେଇ ପାଇଁ ଗୀତା ପ୍ରେସ ସର୍ବଦା ଧ୍ୟାନକେନ୍ଦ୍ରିତ କରୁଛି । ପ୍ରତିବର୍ଷ ପ୍ରାୟ ୬୦ କୋଟି ଟଙ୍କାର ପୁସ୍ତକ ବିକ୍ରି ହେଉଛି । ତା'ଛଡା ୫ କୋଟି ଟଙ୍କାର 'କଲ୍ୟାଣ' ମାସିକ ପତ୍ରିକା ବିକ୍ରି ହେଉଛି । ପ୍ରତ୍ୟେକ ବର୍ଷ ପ୍ରାୟ ୫ହଜାର ମେଟ୍ରିକ୍ ଟନ କାଗଜ ପ୍ରକାଶନ ପାଇଁ ଆବଶ୍ୟକ ହେଉଛି । ଏଥିରେ ୧୮୫ଜଣ ନିୟମିତ ଓ ୨୦୦ ଜଣ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ଗୀତା ପ୍ରେସ ଦ୍ୱାରା ଅନେକ ସେବା କାର୍ଯ୍ୟ ଚାଲିଛି । ଗୀତାଭବନ ସେବାଗ୍ରାମଠାରେ ପ୍ରାୟ ୧୦୦୦ରୁ ଅଧିକ ନିବାସ କକ୍ଷ ଅଛି । ଏଠାରେ ପ୍ରତ୍ୟେକ ଦିନ ସତ୍‌ସଙ୍ଗ, ସାଧୁ ସନ୍ଥମାନଙ୍କ ପାଇଁ ନିବାସ, ନିଃଶୁଳ୍କ ଆୟୁର୍ବେଦ ଚିକିତ୍ସା ସେବା ତଥା କମ୍ ମୂଲ୍ୟରେ ଭୋଜନ ମିଳୁଛି । ସାଧୁସନ୍ଥମାନଙ୍କ ପାଇଁ ନିଃଶୁଳ୍କ ଭୋଜନ ଓ ବସ୍ତ୍ରାଦି ପ୍ରଦାନ କରାଯାଉଛି । ଗୀତା ଭବନର ଆୟୁର୍ବେଦ ସଂସ୍ଥାଠାରେ ଆୟୁର୍ବେଦ ଔଷଧ ଉତ୍ପାଦନ ହୋଇଥାଏ । ସେବାଗ୍ରାମ ଦ୍ୱାରା ଗୋରଖପୁର, କୋଲକାତା, ଚୁରୁ (ରାଜସ୍ଥାନ), ସୁରତ (ଗୁଜୁରାଟ) ଆଦି ସ୍ଥାନମାନଙ୍କରେ ନିଃଶୁଳ୍କ ଆୟୁର୍ବେଦୀୟ ଚିକିତ୍ସା ପ୍ରଦାନ କରାଯାଉଛି । ଗୀତା ପ୍ରେସର ବ୍ରହ୍ମଚର୍ଯ୍ୟ ଆଶ୍ରମ ଚୁରୁଠାରେ ଚାଲୁଛି । ଏଠାରେ ବ୍ରହ୍ମଚାରୀମାନଙ୍କୁ ନିଃଶୁଳ୍କ ଶିକ୍ଷା, ନିବାସ, ଚିକିତ୍ସା, ଭୋଜନ ଆଦି ପ୍ରଦାନ କରାଯାଉଛି । ବ୍ରହ୍ମଚାରୀମାନଙ୍କୁ ଗୁରୁକୁଳ ପଦ୍ଧତିରେ ଶିକ୍ଷା ପ୍ରଦାନ କରାଯାଉଛି । କୋଲକତାଠାରେ ଥିବା ଗୋବିନ୍ଦ ଭବନଠାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଅଛି । ଏଠାରେ ପ୍ରତ୍ୟେକ ଦିନ ଗୀତାପାଠ ସହିତ ସାଧୁସନ୍ଥମାନଙ୍କର ପ୍ରବଚନ ହେଉଛି । ଗୀତା ପ୍ରେସକୁ ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନକୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିରୋଧ କରୁଛନ୍ତି । ଏହି ବ୍ୟକ୍ତିମାନେ ଭାରତୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପୁସ୍ତକ ସହିତ ସତ୍‌ସାହିତ୍ୟ ପ୍ରକାଶନର ବିରୋଧୀ ବୋଲି ସ୍ପଷ୍ଟ ଜଣାପଡୁଛି । ଗୀତା ପ୍ରେସ ଗତ ୧୦୦ ବର୍ଷ ଧରି ଭାରତୀୟ ଜନମାନସରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ସୃଷ୍ଟି କରୁଛି । କେତେକ ରାଜନୈତିକ ନେତାମାନେ ସନାତନ ସଂସ୍କୃତିର ବାହକ ଗୀତା ପ୍ରେସ୍‌କୁ ବିରୋଧ କରି ନୀଚ ସଂଖ୍ୟାଲଘୁ ତୁଷ୍ଟୀକରଣ କରୁଛନ୍ତି । ଭାରତୀୟ ସନାତନ ସଂସ୍କୃତି, ଆଧ୍ୟାତ୍ମିକ, ସାଂସ୍କୃତିକ ଜାଗରଣକୁ ବିରୋଧ କରି ନିଜକୁ ଶ୍ରେଷ୍ଠ ଧର୍ମନିରପେକ୍ଷବାଦୀ ବୋଲି ପରିଗଣିତ କରିବା ଏହି ନେତାମାନଙ୍କର ଫେସନ ହୋଇଗଲାଣି । ପ୍ରକାଶ ଥାଉ କି ଗୀତା ପ୍ରେସ ଗାନ୍ଧୀ ଶାନ୍ତି ପୁରସ୍କାର ପାଇଁ ନିଜର ନୀତି ସହିତ ସାଲିସ କରିନାହିଁ । ସେ କେବଳ ପୁରସ୍କାର ଗ୍ରହଣ କରିବ, ପୁରସ୍କାର ସ୍ୱରୂପ ଏକ କୋଟିରୁ ରାଶି ଗ୍ରହଣ କରିବ ନାହିଁ । କାରଣ ସେ ତା'ର ଜନ୍ମଠାରୁ ଆଜିପର୍ଯ୍ୟନ୍ତ କୌଣସି ଦାନ ଗ୍ରହଣ କରିନାହିଁ ।

*ଆଡଭୋକେଟ, ଖଟବିନ ସାହି, କଟକ*
*ମୋ-୯୪୩୭୦୧୬୩୮୪*

# ବିଦ୍ୟା ଓ ବାଣୀର ଦେବୀ : ବାଗ୍‌ଦେବୀ


ଶରତ କୁମାର ସାହୁ

ବସନ୍ତ ପଞ୍ଚମୀ ମା' ସରସ୍ୱତୀଙ୍କ ପ୍ରକଟ ହେବା ଦିବସ। ଦେବୀ ସରସ୍ୱତୀ ମନୁଷ୍ୟକୁ ଜ୍ଞାନର ପ୍ରକାଶ ଦିଗରେ ନେଇ ଯାଆନ୍ତି। ସେ ବାଣୀର ଦେବୀ ହୋଇଥିବାରୁ ତାଙ୍କୁ ବାଗ୍‌ଦେବୀ କୁହାଯାଏ। ବାଣୀ ବା ଜିହ୍ୱାରୁ ବାହାରୁଥିବା ବାଣ, ଥରେ ବାହାରିଗଲେ ପୁଣି ଫେରି ଆସିନଥାଏ। ଏଣୁ ବାଣୀର ସଂଯମ ଏବଂ ସଦୁପଯୋଗ ହେବା ଆବଶ୍ୟକ। ଏହା ହିଁ ବାଗ୍‌ଦେବୀଙ୍କୁ ପ୍ରସନ୍ନ କରିବାର ମୂଳ ମନ୍ତ୍ର। ଯେତେବେଳେ ମନୁଷ୍ୟ ମୌନ ରହିଥାଏ, ସେ ସମୟରେ ବାଗ୍‌ଦେବୀ ଅନ୍ତରାତ୍ମାର ସ୍ୱର ହୋଇ ସତ୍‌ପ୍ରେରଣା ପ୍ରଦାନ କରିଥାନ୍ତି। ବାଗ୍‌ଦେବୀ ସରସ୍ୱତୀ ବାଣୀ, ବିଦ୍ୟା, ଜ୍ଞାନବିଜ୍ଞାନ ଏବଂ କଳାକୌଶଳର ଆଦିର ଅଧିଷ୍ଠାତ୍ରୀ ଦେବୀ। ସେ ମାନବ ଭିତରେ ଲୁଚି ରହିଥିବା ଚେତନା ଶକ୍ତିକୁ ଜାଗ୍ରତ କରି ଅଜ୍ଞାନର ଅନ୍ଧକାର ଦୂର କରିଥାନ୍ତି। ମନୁଷ୍ୟକୁ ଆଲୋକ ଆଡ଼କୁ ନେଇଯାଇଥାନ୍ତି। ବିଶ୍ୱର ସର୍ବାଧିକ ପ୍ରାଚୀନ ଗ୍ରନ୍ଥ ଋକ୍ ବେଦରେ ମାତା ସରସ୍ୱତୀଙ୍କ ଦୁଇଟି ରୂପ ବିଷୟରେ ବର୍ଣ୍ଣନା କରାଯାଇଛି। ପ୍ରଥମେ ବାଗ୍‌ଦେବୀ ଏବଂ ଦ୍ୱିତୀୟରେ ସରସ୍ୱତୀ। ତାଙ୍କୁ ବୁଦ୍ଧିସମ୍ପନ୍ନ, ପ୍ରେରଣାଦାୟିନୀ ଏବଂ ପ୍ରତିଭା ବିକାଶ ନିମନ୍ତେ ଶକ୍ତି ପ୍ରଦାନ କରୁଥିବା ଦେବୀଙ୍କ ରୂପରେ ବର୍ଣ୍ଣନା କରାଯାଇଛି। ଋକ୍ ବେଦର ସଂହିତା ସୁକ୍ତ ସଂଖ୍ୟା ୮/୧୦୦ରେ ବାଗ୍‌ଦେବୀଙ୍କ ମହିମା ବର୍ଣ୍ଣନା କରାଯାଇଛି। ବୃହଦାରଣ୍ୟକ ଉପନିଷଦରେ ରାଜା ଜନକ ମହର୍ଷି ଯାଜ୍ଞବଳକ୍ୟଙ୍କୁ ପଚାରୁଛନ୍ତି, ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଇଥାଏ, ଚନ୍ଦ୍ରମାର ଆଲୋକ ନଥାଏ ଏବଂ ଅଗ୍ନି ଲିଭିଯାଇଥାଏ, ସେତେବେଳେ କେଉଁ ବସ୍ତୁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ? ଏହାର ଉତ୍ତରରେ ଋଷି କହୁଛନ୍ତି - ଏହି ସମୟରେ ବାକ୍ ଶକ୍ତି ହିଁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ। ମନୁଷ୍ୟ ପାଇଁ ପରମ ଉପଯୋଗୀ ମାର୍ଗ ଦେଖାଉଥିବା ଦେବୀ ହେଉଛନ୍ତି ବାକ୍‌ର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀ। ଛାନ୍ଦୋଗ୍ୟ ଉପନିଷଦରେ ଥିବା ବର୍ଣ୍ଣନା ଅନୁଯାୟୀ, ଯଦି ବାଣୀର ଅସ୍ତିତ୍ୱ ନଥାନ୍ତା, ତାହାଲେ ଭଲ ଏବଂ ମନ୍ଦ, ସତ୍ୟ ଓ ମିଥ୍ୟା, ସହୃଦୟତା ଏବଂ ନିଷ୍ଠୁରତା ମଧ୍ୟରେ ପ୍ରଭେଦ ଜାଣି ହୁଅନ୍ତା ନାହିଁ। ଏଣୁ ବାଣୀର ଉପାସନା କରିବା ଉଚିତ। ଜ୍ଞାନର ଏକ ମାତ୍ର ଅଧିଷ୍ଠାନ ହେଉଛି ବାକ୍। ପ୍ରାଚୀନ କାଳରେ ବେଦ ଆଦି ସମସ୍ତ ଶାସ୍ତ୍ର କଣ୍ଠସ୍ଥ କରାଯାଉଥିଲା। ଆଚାର୍ଯ୍ୟଙ୍କ ବାଣୀ ଦ୍ୱାରା ଶିଷ୍ୟମାନେ ଶାସ୍ତ୍ରର ଜ୍ଞାନ ଲାଭ କରୁଥିଲେ। ଗୁରୁମନ୍ତ୍ର ମଧ୍ୟ ବାଣୀ ଦ୍ୱାରା ପ୍ରାପ୍ତି ହେଉଥିଲା। ବାଗ୍‌ଦେବୀ ମାତା ସରସ୍ୱତୀଙ୍କ ଉପାସନାର ପ୍ରାସଙ୍ଗିକତା ଆଧୁନିକ ଯୁଗରେ ମଧ୍ୟ ରହିଛି। ଦେବୀ ଭାଗବତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ବାଣୀର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀଙ୍କ ଆବିର୍ଭାବ ଶ୍ରୀକୃଷ୍ଣଙ୍କ ଜିହ୍ୱାରୁ ହୋଇଥିଲା। ପରମେଶ୍ୱରଙ୍କ ଜିହ୍ୱାରୁ ପ୍ରକଟ ହୋଇଥିବାରୁ ସେ ବାଗ୍‌ଦେବୀ ସରସ୍ୱତୀ ବୋଲାଇଲେ। ବୈଦିକ ଯୁଗର ବାଗ୍‌ଦେବୀ କାଳାନ୍ତରରେ ସରସ୍ୱତୀ ନାମରେ ପ୍ରସିଦ୍ଧ ହେଲେ। ଶାସ୍ତ୍ରରେ ମାଘ ଶୁକ୍ଳ ପକ୍ଷ ପଞ୍ଚମୀରେ ବାଗ୍‌ଦେବୀଙ୍କ ପ୍ରକଟ ହେବାର ଦିବସ ଭାବେ ବର୍ଣ୍ଣନା କରାଯାଇଛି। ଏହି କାରଣରୁ ବସନ୍ତ ପଞ୍ଚମୀ ଦିନ ବାଗୀଶ୍ୱରୀ ଜୟନ୍ତୀ ମଧ୍ୟ ପାଳିତ ହୋଇଥାଏ, ଏହା ସରସ୍ୱତୀ ପୂଜା ନାମରେ ମଧ୍ୟ ପ୍ରସିଦ୍ଧ। ବାଗ୍‌ଦେବୀଙ୍କ ଆରାଧନା ପଛରେ ଲୁଚି ରହିଥିବା ଆଧ୍ୟାତ୍ମିକ ବାର୍ତ୍ତା ହେଉଛି - ଆପଣ ଯାହାକିଛି କହୁଛନ୍ତି, ଭାବିଚିନ୍ତି କୁହନ୍ତୁ। କାରଣ ମଧୁର ବାଣୀ ମିତ୍ର ସୃଷ୍ଟି କରିଥାଏ ଏବଂ କଟୁ ବାଣୀ ଶତ୍ରୁ ସୃଷ୍ଟି କରେ।

*'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର,*
*ଦୂରଭାଷ : ୯୪୩୭୦୫୧୫୪୩*

# ଆଚ୍ଛାଦନ-ଆଚରଣ


ଅପର୍ଣ୍ଣା ନାୟକ

କେତେକ ଲୋକ କହନ୍ତି - ମନୁଷ୍ୟ ତା'ର ପୋଷାକ ପରିଚ୍ଛଦରୁ ଜଣାପଡ଼େ ସେ କେତେ ସମ୍ମାନସ୍ପଦ : କିନ୍ତୁ ଆଚ୍ଛାଦନ ପ୍ରକୃତ ମଣିଷକୁ ଚିହ୍ନାଏ ନାହିଁ, ଆଚରଣ ହିଁ ମଣିଷର ପ୍ରକୃତ ସ୍ୱରୂପକୁ ଉନ୍ମୋଚନ କରେ । ଅବଶ୍ୟ ପୋଷାକର ମଧ୍ୟ ଗୁରୁତ୍ୱ ରହିଛି । ତେଣୁ କୁହାଯାଏ - 'ଭେକ ଥିଲେ ଭିକ ମିଳେ' । ବାହ୍ୟ ଆଚ୍ଛାଦନ ପୋଷାକ ହୋଇଥିବା ସ୍ଥଳେ ଅନ୍ତ ଆଚ୍ଛାଦନ ଆନ୍ତରିକତାପୂର୍ଣ୍ଣ ଆଚରଣ । ମନୁଷ୍ୟ ନିଜ ଆଚରଣରୁ ହିଁ ବାରି ହୋଇଯାଏ ସେ ସମସ୍ତଙ୍କର କେତେ ଆଦରଣୀୟ, ସ୍ନେହସ୍ପଦ ବା ନମସ୍ୟ । ସବୁବେଳେ ଯେଉଁ ପୋଷାକ ପିନ୍ଧିଲେ ମଧ୍ୟ ପରିଷ୍କାର, ପରିଚ୍ଛନ୍ନ ପୋଷାକ ପିନ୍ଧିବା ଉଚିତ, କାରଣ ତା'ର ମନ ଉପରେ ପ୍ରଭାବ ପଡ଼େ । ଅତିରିକ୍ତ ପୋଷାକ ପିନ୍ଧି, ଅତିମାତ୍ରାରେ ସଜେଇ ହେବା, ଅଳଙ୍କାର ମଣ୍ଡିତ ହେବା ଆଦୌ ସ୍ପୃହଣୀୟ ନୁହେଁ । ଯେତିକି ସରଳ, ସ୍ୱଚ୍ଛ, ନିର୍ମଳ ଓ ସାଧାସିଧା ପୋଷାକ ପରିଚ୍ଛଦ ହେବ, ବ୍ୟକ୍ତିର ବ୍ୟକ୍ତିତ୍ୱ ସେତିକି ଅଧିକ ପୋଷାକ ଭିତରୁ ଝଟକି ଉଠିବ । ଭଲ ବ୍ୟବହାର ହେଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ଆକର୍ଷିତ ହୋଇଥାଏ । ଜଣେ ଦେଖିବାକୁ ସୁନ୍ଦର ହୋଇନପାରେ; କିନ୍ତୁ ତା'ର ଆଚରଣ ଓ ବ୍ୟବହାର ଭଲ ହେଲେ ସେ ଅନ୍ୟକୁ ଅନାୟାସରେ ଆକୃଷ୍ଟ କରିପାରେ । ରୂପର ଅଭାବକୁ ସୁନ୍ଦର, ସ୍ୱଚ୍ଛ, ଆନ୍ତରିକତାପୂର୍ଣ୍ଣ ବ୍ୟବହାର ପୂରଣ କରିଦିଏ, କାରଣ ଭଲ ବ୍ୟବହାର କରିବା ଅଭ୍ୟାସରେ ପଡ଼ିଗଲେ ମନୁଷ୍ୟ ଅନ୍ୟକୁ ଆଘାତ ଦେବାକୁ ଚେଷ୍ଟା କରେନାହିଁ: ଓ ତା'ର ଅନ୍ତର୍ନିହିତ ସଦ୍‌ଗୁଣଗୁଡ଼ିକ ସହଜ ଭାବରେ ବ୍ୟବହାର ମଧ୍ୟରେ ପ୍ରସ୍ଫୁଟିତ ହୋଇଯାଏ ଓ ସୁରଭି ବିତରଣ କରି ପରିବେଶକୁ ମଧୁମୟ କରିପାରେ । ସେତେବେଳେ ସେ କେଉଁ ପୋଷାକ ପିନ୍ଧିଛି ତାହା ନଜରକୁ ଆସେନାହିଁ ।

ଅତି ଦାମିକା, ଝଲମଲ ହେଉଥିବା ପୋଷାକ ପିନ୍ଧିଥିବା ବ୍ୟକ୍ତିଠାରୁ ଆନ୍ତରିକତା ପୂର୍ଣ୍ଣ ବ୍ୟବହାର ଓ ସାରଲ୍ୟ ଥିବା ବ୍ୟକ୍ତି ସହଜରେ ପାଖ ପଡ଼ୋଶୀମାନଙ୍କୁ ଆକୃଷ୍ଟ କରିପାରନ୍ତି । କାରଣ ଆନ୍ତରିକତାର ଏକ ନିଆରା ମହତ୍ତ୍ୱ ଅଛି, ବାସ୍ନା ଅଛି, ଯାହା ପାଠଶାଠ ନପଢ଼ିଥିବା ବ୍ୟକ୍ତି ବାରି ନିଏ, ଚିହ୍ନି ନିଏ, ସମ୍ପର୍କ ଗଢ଼ି ଉଠେ ଆପେ ଆପେ । ସେଭଳି ମଣିଷକୁ ଦେଖିଲା ମାତ୍ରେ ଓଠରେ ହସ ଫୁଟିଉଠେ, ମନ ପ୍ରସନ୍ନ ହୁଏ, ଲାଗେ ସତେ ଯେମିତି ସେ ଖୁବ୍ ଆପରାର, ବହୁଦିନରୁ ପରିଚିତ ମଣିଷଟିଏ । ଆଚରଣ ହିଁ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ, ପୋଷାକ ନୁହେଁ । ମହାତ୍ମା ଗାନ୍ଧି ପ୍ରମାଣିତ କରି ଦେଇଥିଲେ ଯେ ପୋଷାକ ମଣିଷକୁ ତିଆରି କରେନା, ତ୍ରୁଟିକୁ ପୂରଣ କରି ଦେଇ ବ୍ୟକ୍ତିକୁ ଅଲଗା ମହତ୍ତ୍ୱରେ ପରିପ୍ଳୁତ କରିଦିଏ । ମହାତ୍ମା ଗାନ୍ଧି ଅତି ସାଧାରଣ ଖଦଡ଼ ଧୋତି ଖଣ୍ଡେ ପିନ୍ଧୁଥିଲେ; କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ, ମଣିଷପଣିଆ, ମହାତ୍ମ୍ୟ ବିଶ୍ୱକୁ ଚମକୃତ କରିଦେଇଛି । ଇଂରେଜ ଶାସକଙ୍କ ପାଖକୁ ଗଲାବେଳେ ସେ ସେହି ପୋଷାକ ପିନ୍ଧିଥିଲେ । ପ୍ରଚଳିତ ରୀତି ଅନୁସାରେ ଦ୍ୱାରପାଳ ତାଙ୍କୁ ଭିତରକୁ ଛାଡ଼ିଲା ନାହିଁ । ପେଣ୍ଟ, କୋଟ, ସୁଟ୍, ଟାଇ ପିନ୍ଧିଥିଲେ ସେ ଉତ୍ସବକୁ ଯାଇପାରିଥାନ୍ତେ । ମହାତ୍ମା ଗାନ୍ଧି ଘରକୁ ଫେରିଆସିଲେ ପେଣ୍ଟ, କୋଟ, ସୁଟ୍, ଟାଇକୁ ସୁନ୍ଦର ଭାବେ ସଜାଡ଼ି ଜଣେ ବ୍ୟକ୍ତି ହାତରେ ଲାଟଙ୍କ ପାଖକୁ ପଠାଇ ଦେଲେ । ପରେ ଯେତେବେଳେ ଲାଟ ଗାନ୍ଧିଙ୍କୁ ପଚାରିଲେ କାହିଁକି ସେ ନିଜେ ନଆସି ଏଭଳି ପୋଷାକ ପଠାଇଲେ, ସେତେବେଳେ ଗାନ୍ଧି ଉତ୍ତର ଦେଲେ ଆପଣ ମୋତେ ଭୋଜିସଭାକୁ ଡାକିଥିଲେ; କିନ୍ତୁ ମୁଁ ନିର୍ଦ୍ଧାରିତ ପୋଷାକ ପିନ୍ଧି ନଥିଲି ବୋଲି ମୋତେ ଭିତରକୁ ଯିବାକୁ ଅନୁମତି ଦିଆଗଲା ନାହିଁ, ତେଣୁ ମୁଁ ସେହି ନିର୍ଦ୍ଧାରିତ ପୋଷାକକୁ ମୋ ବଦଳରେ ପଠାଇ ଦେଲି । ଲାଟ୍ ସାହେବ ଲଜ୍ଜିତ ହେଲେ । ଗାନ୍ଧିଜୀଙ୍କୁ ଶ୍ରଦ୍ଧାର ସହ ସେହି ସରଳ ପୋଷାକରେ ଅତ୍ୟନ୍ତ ସମ୍ମାନ ଦେଇ ଭିତରକୁ ପାଛୋଟି ନେଲେ । ଲଣ୍ଡନ ଗଲାବେଳେ ମଧ୍ୟ ଗାନ୍ଧିଜୀ ସେହିଭଳି ସାଧାସିଧା ଲୁଗା ପିନ୍ଧୁଥିଲେ । ତାଙ୍କର ବ୍ୟକ୍ତିତ୍ୱ ଏତେ ମହାନ୍ ତାଙ୍କର ଆଦର୍ଶ ଏତେ ଉଚ୍ଚକୋଟୀର ଯେ ତାଙ୍କ ପାଇଁ କୌଣସି ପୋଷାକ ବା ବାହ୍ୟ ଆଡ଼ମ୍ବର ତିଳେମାତ୍ର ପ୍ରୟୋଜନ ନଥିଲା । ସେ ସର୍ବଶ୍ରେଷ୍ଠ ମହାନ୍ ମଣିଷ ଭାବରେ, ଅନ୍ତର୍ନିହିତ ଶୁଦ୍ଧ ଗୁଣାବଳୀରେ ବିଭୂଷିତ ଦେବୋପମ ବ୍ୟକ୍ତିତ୍ୱ । ଯଥାର୍ଥରେ ମହାତ୍ମା ପଦବାଚ୍ୟ । ବାହ୍ୟ ଆଚ୍ଛାଦନ କେବଳ ନୁହେଁ, ବ୍ୟକ୍ତିର ଅନ୍ତର୍ନିହିତ ଗୁଣ, ମାନସିକତା, ଭଦ୍ରଜନୋଚିତ ବ୍ୟବହାର ଏବଂ ସ୍ନେହଶ୍ରଦ୍ଧା ଭରା ଆନ୍ତରିକତା ହିଁ ବ୍ୟକ୍ତିକୁ ଜନପ୍ରିୟ ଓ ସମ୍ମାନସ୍ପଦ କରାଇଥାଏ ।

*ସେକ୍ଟର-୧୦, ସିଡିଏ, କଟକ*

# ଭାରତର ପ୍ରଥମ ମହିଳା ଡାକ୍ତର : ଆନନ୍ଦୀବାଈ ଯୋଶୀ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭାରତର ପ୍ରଥମ ମହିଳା ଡାକ୍ତର ହେଉଛନ୍ତି ଆନନ୍ଦୀବାଈ ଯୋଶୀ। ତାଙ୍କର ଜନ୍ମ ବମ୍ବେ ନିକଟସ୍ଥ କଲ୍ୟାଣରେ। ଜନ୍ମ ତାରିଖ ୧୮୬୫ ମସିହା ମାର୍ଚ୍ଚ ୩୧ ତାରିଖ। ପିତୃଦତ୍ତ ନାମ ଯମୁନା। ତାଙ୍କୁ ୯ବର୍ଷ ହୋଇଥିବା ବେଳେ ତାଙ୍କର ବିବାହ ହେଲା ଡାକ ବିଭାଗର କିରାଣି ଗୋପାଳରାଓ ଯୋଶୀଙ୍କ ସହ। ଗୋପାଳ ରାଓ ଥିଲେ ବିଧବା ବିବାହ ଏବଂ ନାରୀଶିକ୍ଷାର ଦୃଢ଼ ସମର୍ଥକ। ସେ ଯମୁନାଙ୍କ ନାଁ ରଖିଲେ ଆନନ୍ଦୀ। ସେହି ସମୟରେ ଝିଅମାନଙ୍କୁ ପାଠ ପଢ଼ିବା ନିମନ୍ତେ ଅନୁମତି ମିଳୁ ନଥିଲା। ସେଥିପାଇଁ ଅକ୍ଷର ଚିହ୍ନି ଚିହ୍ନି ଟିକିଏ ଟିକିଏ ମରାଠୀ ପଢ଼ି ପାରୁଥିଲେ ସେ। ହେଲେ ଗୋପାଳ ରାଓ ତାଙ୍କ ପଢ଼ିବା କଥା ଉଠେଇବାରୁ ଆରମ୍ଭ ହୋଇଗଲା ସମସ୍ୟା। ମିଶନାରୀ ସ୍କୁଲରେ ଆନନ୍ଦୀଙ୍କ ନାଁ ଲେଖାଇଦେବା ପରେ ତୀବ୍ର ହୋଇଉଠିଲା ସମାଜ ପ୍ରତିବାଦ। ଫଳରେ ସ୍ୱାମୀସ୍ତ୍ରୀ ଦୁହେଁ କଲ୍ୟାଣ ଛାଡ଼ି ଆଲିବାଗକୁ ପଳେଇଗଲେ। ସେଠାରେ ବି ନିସ୍ତାର ମିଳିଲାନି। ସୁତରାଂ ଆଲିବାଗ ପରିତ୍ୟାଗ କରି ଚାଲିଗଲେ କୋହ୍ଲାପୁର। ସେଠାରେ ବି ସମାନ ବିରୋଧ। ତେଣୁ ବାଧହୋଇ ଦୁହେଁ ପଳେଇଗଲେ କଲିକତାକୁ। ସେଠାରେ ସେମାନଙ୍କୁ ସମାଜର ନାଲିଆଖିର ସମ୍ମୁଖୀନ ହେବା ପାଇଁ ପଡ଼ି ନଥିଲା। ଆରମ୍ଭ ହେଲା ଆନନ୍ଦୀଙ୍କ ପାଠପଢ଼ା। ପାଠ ପଢ଼ିବାରେ ଟିକିଏ ଅମନଯୋଗୀ ହେଲେ କଡ଼ା ଗାଳି ଶୁଣିବା ପାଇଁ ପଡୁଥିଲା ସ୍ୱାମୀଙ୍କ ପାଖରୁ। ଧୀରେ ଧୀରେ ପରିସ୍ଥିତି ସୁଧୁରିଲା। ଆନନ୍ଦୀ ସଂସ୍କୃତ ଓ ଇଂଲିଶ ପଢ଼ିପାରିଲେ। ଇଂଲିଶରେ କଥାବାର୍ତ୍ତା କରିପାରିଲେ ମଧ୍ୟ। ଏବେ ପ୍ରଶ୍ନ ଉଠିଲା ଉଚ୍ଚ ଶିକ୍ଷାର କଥା। ସେତେବେଳେ ଆମ ଦେଶରେ ଭାରତୀୟ ମହିଳା ଡାକ୍ତର ନଥିଲେ। ମହିଳା ରୋଗୀମାନେ ପୁରୁଷ ଡାକ୍ତରଙ୍କ ପାଖକୁ ଯିବା ପାଇଁ ମଙ୍ଗୁ ନଥିଲେ। ତେଣୁ ଡାକ୍ତରୀ ପଢ଼ିବା ନିମନ୍ତେ ନିଷ୍ପତ୍ତି ନେଲେ ଆନନ୍ଦୀ। ଆମେରିକାରେ ଡାକ୍ତରୀ ପଢ଼ିବା ନିମନ୍ତେ ଚେଷ୍ଟା ଚାଲିଲା। ନିଜକୁ ଜଣେ ମିଶନାରୀ ରୂପେ ମିଥ୍ୟା ପରିଚୟ ଦେଇ ଆମେରିକା ଯିବା ପାଇଁ ବି ଚାଲିଲା ଗୋପାଳ ରାଓଙ୍କ ଉଦ୍ୟମ। ମାତ୍ର ଚାରିଆଡୁ କେବଳ ବିଦ୍ରୁପ ଶୁଣିବା ହିଁ ସାର ହେଲା। ଯୋଗକୁ ଆମେରିକା ନ୍ୟୁଜର୍ସିରେ ରହୁଥିବ ଶ୍ରୀମତୀ କାର୍ପେଣ୍ଟରଙ୍କ କାନରେ ଆନନ୍ଦୀଙ୍କ ଖବର ପଡ଼ିଲା। ଆମେରିକାରେ ଆନନ୍ଦୀଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି କାର୍ପେଣ୍ଟର ନିଜ ଆଡୁ ପ୍ରସ୍ତାବ ଦେଲେ। ହେଲେ ଗୋପାଳ ରାଓଙ୍କ ପାଇଁ ଆମେରିକାରେ ଚାକିରିଟିଏ ମିଳିବା ସମ୍ଭବ ହେଲାନାହିଁ। ତେଣୁ ଆନନ୍ଦୀ ଏକା ଆମେରିକା ଯିବେ ବୋଲି ସ୍ୱାମୀସ୍ତ୍ରୀ ସ୍ଥିର କଲେ। ବାସ୍, ସେ ଜଣେ ସ୍ତ୍ରୀଲୋକ ହୋଇ ସ୍ୱାମୀଙ୍କୁ ଛାଡ଼ି ଏକା ଆମେରିକା ଯାଉଥିବା କଥା ଶୁଣି ଲୋକେ ତାତି ଉଠିଲେ। ଆରମ୍ଭ ହୋଇଗଲା ବିରୋଧ ଓ ସମାଲୋଚନା। ଏପରିକି ଦୁହେଁ ପଦାକୁ ବାହାରିଲେ ଲୋକେ ଦୁହିଁଙ୍କ ଉପରକୁ ଢ଼େଲା ଫୋପାଡ଼ିଲେ। ସେମାନଙ୍କ ମୁହଁକୁ ଲକ୍ଷ୍ୟ କରି ଗୋବର ଫିଙ୍ଗିଲେ। ସେ ଯାହା ହେଉ, ଅନେକ ଶାରୀରିକ ଓ ମାନସିକ ନିର୍ଯାତନାର ଅନ୍ତ ଘଟାଇ ୧୮୮୩ ଜୁନ୍ ମାସରେ ଆନନ୍ଦୀ ପହଞ୍ଚିଲେ ଆମେରିକାରେ।

*ସହପ୍ରତିରତ୍ୱିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ ? ରାମଙ୍କୁ ଆମେ କାହିଁକି ମାନିବୁ ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା ? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି ? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍‌ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିଓ୍ୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

**—ଚିତ୍ତରଞ୍ଜନ ମହାପାତ୍ର**
**ଶିମୁଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪**

## ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହଞ୍ଚାଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟ, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ



ବର୍ତ୍ତମାନର ସମୟକୁ ଦେଖିଲେ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ପବନରେ ଗଢ଼ା ଆମ ଏହି ସ୍ଥୂଳ ତତ୍ତ୍ୱରେ ଏହି ତିନୋଟି ଉପାଦାନର ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ଜୀବନ ଭିତରେ ସମସ୍ତେ ଅନେକ ଅବସକୁ ଅନୁଭବ କରନ୍ତି। ଅନେକ ବ୍ୟସ୍ତବହୁଳ ଜୀବନ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଏହା ଅନୁଭବୀ କରିଥାଏ ଯେ ଆବହମାନ ସମୟରୁ ଆମ୍ଭେମାନେ ଭାବେ ଜଡ଼ିତ। ମାଟି, ପାଣି ଓ ଶରୀର ଏବଂ ପ୍ରତିଟି ମଣିଷର ଶରୀର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ସମୟରେ କ୍ଳାନ୍ତ ବା ଶରୀରର ସେମାନେ କିଛି ବିଶ୍ରାମ ଚାହାଁନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଷମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

**ବିଜୟ କୁମାର ପୃଷ୍ଟି**, ସମ୍ପାଦକ, ନିରାମୟ, କଟକ, ଦୂରଭାଷ : ୯୮୬୧୪୬୪୯୩୨

## ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅଗ୍ନି ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

### ନୀଳଗିରି ଅଞ୍ଚଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅଞ୍ଚଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅଞ୍ଚଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

## ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଏହି ଗୋମଙ୍ଗଳ ସମିତିରେ ୬୦ରୁ ଊର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଊର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ। ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି।

## ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ସାହିତ୍ୟିକ ତଥା ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶ୍ରୀ ବିରଜା ସେବାସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତ ପାଢ଼ୀ ଶିକ୍ଷକତା ସହିତ ବହୁ ପୁସ୍ତକ ରଚନା କରିଥିଲେ ଓ କେତେକ ଐତିହାସିକ ସମ୍ପର୍କରେ ଗବେଷଣାରେ ବୁଡ଼ି ରହିଥିଲେ। ସେ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଶ୍ରୀ ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ସକ୍ରିୟ ବାହ୍ମଣ ଥିଲେ। ଶ୍ରୀ ବିରଜା ସେବା ସମିତି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପାଢ଼ୀ ଥିଲେ ଜଣେ ସରଳ, ଅମାୟିକ ଓ ସ୍ପଷ୍ଟବାଦୀ। ଏଣୁ ବିରଜା ସେବା ସମିତି ପକ୍ଷରୁ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସମାଜସେବୀ ପାଣ୍ଡବ ସାହୁ, ଉପସଭାପତି ପ୍ରମୋଦ ଦ୍ୱିବେଦୀ ଓ ଶିବପ୍ରସାଦ ବଳ, କର୍ମକର୍ତ୍ତା ବନବିହାରୀ ମହାପାତ୍ର, ଗଦାଧର ରାଉତ, କ୍ଷୀରୋଦ ପାଠୀ, ବୃନ୍ଦାବନ ମିଶ୍ର, ଅଧିକାରୀ ନବକିଶୋର ଦାସ, ସୁବାସ ମହାନ୍ତି, ସୁବାସ ମହାପାତ୍ର, ବ୍ରଜକିଶୋର ମହାନ୍ତି, ମହେନ୍ଦ୍ର କୁମାର ଦାସ, ଗିରିଧାରୀ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ବିରଜା ପ୍ରସାଦ କର, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧ୍ରୁନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ।




# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡେ଼ଙ୍ଗୁ ରୋଗୀଙ୍କ ପାଇଁ ପ୍ଲେଟ୍ଲେଟ୍ ବ୍ୟବସ୍ଥା କରିବା ପାଇଁ ଦାବି

ମାଲକାନଗିରି, (ପି.ଏନ): ରାଜ୍ୟକୁ ମୌସୁମୀ ଛୁଇଁବା ପରେ ବିଭିନ୍ନ ଜିଲ୍ଲାରେ ଡେ଼ଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେବାରେ ଲାଗିଛନ୍ତି । ଗତ ବର୍ଷ ମାଲକାନଗିରିରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଯାହା ଉପରେ ରୋକ୍ ଲଗାଇବା ମୁସ୍କିଲ୍ ହୋଇପଡ଼ିଥିଲା ସ୍ୱାସ୍ଥ୍ୟ ବିଭାଗ ପାଇଁ । ତା ସହିତ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେବା ମଧ୍ୟ ଚ୍ୟାଲେଞ୍ଜ୍ ହୋଇଥିଲା । ଏହାରି ଭିତରେ ଜିଲ୍ଲାବାସୀଙ୍କ ପାଇଁ ଚିନ୍ତାର ବିଷୟ ହୋଇପାରେ ପ୍ଲେଟ୍ଲେଟ୍ ସମସ୍ୟା । ରକ୍ତରେ ପ୍ଲେଟ୍ଲେଟ୍ ଅଚାନକ ହ୍ରାସ ପାଇବା ଦ୍ୱାରା ରୋଗୀ ଗୁରୁତର ହୋଇ ପାରନ୍ତି । ଏଭଳି ସ୍ଥିତିରେ ସେମାନଙ୍କୁ ବଂଚାଇବା ପାଇଁ ବାରମ୍ବାର ପ୍ଲେଟ୍ଲେଟ୍ ଦେବାକୁ ପଡେ । ହେଲେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ଲେଟ୍ଲେଟ୍ ମେସିନ୍ ନଥିବା ଯୋଗୁଁ କୋରାପୁଟ କିମ୍ବା ବିଶାଖାପାଟଣା ମେଡିକାଲ ଉପରେ ନିର୍ଭର କରୁଛନ୍ତି ରୋଗୀ । ଡେଙ୍ଗୁକୁ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି । ହେଲେ ରୋଗୀଙ୍କ ପାଇଁ ସଞ୍ଜୀବନି ସାଜିଥିବା ପ୍ଲେଟ୍ଲେଟ୍ ସୁବିଧା ହୋଇପାରୁନାହିଁ । ଫଳରେ ଆର୍ଥିକ ସ୍ଥିତି ଭଲ ଥିବା ଡେଙ୍ଗୁ ରୋଗୀ ବିଶାଖାପାଟଣା ନଚେତ୍ କୋରାପୁଟ, ବ୍ରହ୍ମପୁରକୁ ଯାଇ ଚିକିତ୍ସିତ ହେଉଥିବା ବେଳେ ଆଉ କେତେକ ରୋଗୀ ଅର୍ଥାଭାବରୁ ଚିକିତ୍ସା ନପାଇ ପାରି ଜୀବନ ଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ଲେଟ୍ଲେଟ୍ ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି । ବିଗତ ଦିନରେ କଂଗ୍ରେସ ଦଳ ମଧ୍ୟ ଏନେଇ ଦାବି ଉଠାଇଥିବା ବେଳେ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରିନି ପ୍ରଶାସନ । ଯାହାକୁ ନେଇ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର ଅବହେଳା କରୁଥିବା କହିଛନ୍ତି କଂଗ୍ରେସ ନେତା । ତେଣୁ ଜିଲ୍ଲାକୁ ଯଥାଶୀଘ୍ର ପ୍ଲେଟ୍ଲେଟ୍ ପାଇଁ ଆବଶ୍ୟକୀୟ ମେସିନ ଅଣାନଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି କଂଗ୍ରେସ । ମାଲକାନଗିରି ଜିଲ୍ଲାରେ ଗତ ଦୁଇ ବର୍ଷ ପରିସଂଖ୍ୟାନକୁ ଦେଖିଲେ ୨୦୨୧ ମସିହାରେ ୩୩୬ ଜଣ ଡେଙ୍ଗୁ ଆକ୍ରାନ୍ତ ହୋଇଥିବା ବେଳେ ୨୦୨୨ ମସିହାରେ ୩୫୯ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିଲେ । ତେବେ କେତେକ ରୋଗୀ ଜିଲ୍ଲା ବାହାରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହୋଇଥିବାରୁ ଡେଙ୍ଗୁ ରୋଗୀ ସଂଖ୍ୟା ଏହାର ଦ୍ୱିଗୁଣ ହେବ ବୋଲି ଆକଳନ କରାଯାଉଛି । ବିଶେଷ କରି ମାଲକାନଗିରି ପୌରାଚଂଳରେ ସର୍ବାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି । ମାଲକାନଗିରି ପୌରାଚଂଳରେ ୨୦୨୧ ମସିହାରେ ୧୮୨ ରୋଗୀ ଓ ୨୦୨୨ ମସିହାରେ ୧୦୯ ଜଣ ରୋଗୀ ଚିହ୍ନଟ ହୋଇଥିଲେ । ସେହିଭଳି ଚିତ୍ରକୋଣ୍ଡାରେ ୯୩, ବାଲିମେଳାରେ ୪୯, ସିଏଚସି ପାଣ୍ଡ୍ରିପାଣିରେ ୩୮, ସିଏଚସି କୋରୁକୋଣ୍ଡାରେ ୯୭, ସିଏଚସି କାଲିମେଳାରେ ୬୨, ସିଏଚସି ମାଥିଲିରେ ୧୧, ସିଏଚ୍ସି ପଡିଆରେ ୧୬, ସିଏଚ ସି କୁଡୁମୁଲୁଗୁମ୍ମାରେ ୧୫, ସିଏଚ୍ସି ଖଇରପୁଟରେ ୩, ମାଲକାନଗିରି ଗ୍ରାମାଚଂଳରେ ୧୩ , ଓ ସୁକୁମା ଜିଲ୍ଲାର ୫ ଜଣ ଡେଙ୍ଗୁ ୫ ରୋଗୀ ଚିହ୍ନଟ ହୋଇଥିଲେ । ଗତବର୍ଷ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ୨୦ ପ୍ରତିଶତ ଆକ୍ରାନ୍ତଙ୍କୁ ପ୍ଲେଟ୍ଲେଟ୍ ପାଇଁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଥିଲା । ତେଣୁ ଏଭଳି ସମସ୍ୟା ସମ୍ପର୍କରେ ସିଡିଏମଓଙ୍କୁ ଜଣାଇଥିବା କହିଛନ୍ତି ମେଡିସିନ ସ୍ପେଶାଲିଷ୍ଟ ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା । ପ୍ଲାଜମା ଭଣ୍ଡାର କରାଯିବା ସହ ଗୋଟିଏ ଆଫେରେସିସ୍ ମେସିନ୍ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିବା ସିଡିଏମଓ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି ।ଗତ ମାସ ୩୦ ତାରିଖ ଦିନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ ଦେଶରେ ଡେଙ୍ଗୁ ମ୍ୟାଲେରିଆ ସମେତ ବିଭିନ୍ନ ଭେକ୍ଟର ବାହିତ ରୋଗ ସ୍ଥିତି ନେଇ ସମୀକ୍ଷା କରିଥିଲେ। ଏଥିରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମେତ ୨୨ଟି ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଉପସ୍ଥିତ ଥିଲେ । ଭେକ୍ଟର ବାହିତ ରୋଗ ନେଇ ସବୁ ପ୍ରକାରର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ କେନ୍ଦ୍ର ମନ୍ତ୍ରୀ ମାଣ୍ଡଭିୟ ।

# ଚାଷ ଜମିରେ ହଳ କରୁଥିବା ବେଳେ ଟଳିପଡ଼ିଲେ ଚାଷୀ

ଖୋର୍ଦ୍ଧା, (ପି.ଏନ): ଚାଷ ଜମିରେ ହଳ କରୁଥିବା ବେଳେ ଟଳିପଡ଼ିଲେ ଜଣେ ଚାଷୀ। ଗୁରୁତର ଅବସ୍ଥାରେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଳୟରେ କର୍ତ୍ତବ୍ୟରତ ଡାକ୍ତର କିଛି ପରୀକ୍ଷା ନୀରିକ୍ଷା ପରେ ଚାଷୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଷୀ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଝରିଆ ଗ୍ରାମର ଅଜୟ ପଲାଇ ( ୪୩) । ତାଙ୍କ ମୃତ୍ୟୁର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଥିବା ବେଳେ ଟାଙ୍ଗୀ ଥାନା ପୋଲିସ ଶବ ଜବତ କରି ତଦନ୍ତ କରୁଛି ।ସୂଚନା ମୁତାବକ, ଅଜୟ ପଲାଇ ନିଜ ଚାଷ ଜମିରେ ଧାନ ବୁଣିବା ପାଇଁ ଟ୍ରାକ୍ଟର ସହ ଧାନ ନେଇ ଜମିକୁ ଯାଇଥିଲେ।

# ମାଲକାନଗିରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବହୁ ପଦବୀ ଖାଲି

ମାଲକାନଗିରି, (ପି.ଏନ): ସରକାରଙ୍କ ଶ୍ରମ ଆଇନକୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲାରେ ଆବଶ୍ୟକୀୟ କର୍ମଚାରୀ ନଥିବାରୁ ଶ୍ରମ ବିଭାଗରେ ଏକରକମ ଅଚଳଅବସ୍ଥା ଦେଖିବାକୁ ମିଳିଛି। ଜିଲ୍ଲାର ୭ଟି ବ୍ଲକ ମଧ୍ୟରୁ ଗୋଟିଏ ବି ବ୍ଲକରେ ଶ୍ରମ ଅଧିକାରୀ ନଥିବା ବେଳେ ବିଭାଗ କେମିତ ଚାଲିବ ଏବଂ ଶ୍ରମ ଆଇନ କିଭଳି କାର୍ଯ୍ୟକାରୀ ହେଉଥିବ ଏଥିରୁ ସ୍ପଷ୍ଟ ଜଣାପଡୁଛି। ମାଲକାନଗିରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପଦବୀ ରହିଥିବା ବେଳେ ସେଥିରେ କୌଣସି ଅଧିକାରୀ ନାହାନ୍ତି। କଳାହାଣ୍ଡିର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଜିଲ୍ଲାରେ ୨ଟି ଜିଲ୍ଲା ଶ୍ରମ ଅଧିକାରୀ ପଦବୀ ରହିଥିବା ବେଳେ ଜଣେ ହିଁ ଦୁଇଟି ଦାୟିତ୍ୱ ତୁଲାଉଛନ୍ତି। ଜିଲ୍ଲାରେ ୮ଟି ସହକାରୀ ଶ୍ରମ ଅଧିକାରୀ ପଦବୀ ରହିଥିବା ବେଳେ କେବଳ ଜଣେ ହିଁ ରହିଛନ୍ତି। ଏଥିସହ ଜିଲ୍ଲାରେ ଜଣେ ସିନିୟର ଆସିଷ୍ଟାଣ୍ଟ, ଜଣେ ଜୁନିୟର ଆସିଷ୍ଟାଣ୍ଟ ଓ ୨ ଟି ପିଅନ ପଦବୀ ରହିଥିବା ବେଳେ ସେଥିରେ ମଧ୍ୟ କେହି କର୍ମଚାରୀ ନାହାନ୍ତି। ଜିଲ୍ଲାରେ କେବଳ ଜଣେ ଜିଲ୍ଲା ଶ୍ରମ ଅଧିକାରୀ ଓ ଜଣେ ସହକାରୀ ଶ୍ରମ ଅଧିକାରୀ ରହିଛନ୍ତି। ଏହି ଦୁଇ ଜଣଙ୍କୁ ବାଦ ଦେଲେ ଜିଲ୍ଲାରେ ଶ୍ରମ ବିଭାଗରେ କୌଣସି ଅଧିକାରୀ ହିଁ ନାହାନ୍ତି। ସମସ୍ତ ବ୍ଲକରେ ଶ୍ରମ ଆଇନକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ଜଣେ ଲେଖାଏଁ ସହକାରୀ ଶ୍ରମ ଅଧିକାରୀ ଆବଶ୍ୟକ ଥିବାବେଳେ କୌଣସି ବ୍ଲକରେ ଅଧିକାରୀ ନାହାନ୍ତି। ସମସ୍ତ ବ୍ଲକରେ ଏହି ପଦବୀ ଖାଲି ପଡିଛି। ଫଳରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଏତେ କମ କର୍ମଚାରୀରେ ଆଗେଇ ପାରୁନାହିଁ। ଏଥିସହ ସହକାରୀ ଶ୍ରମ ଅଧିକାରୀଙ୍କ ଭୂମିକା ଅଧିକା ଗୁରୁତ୍ୱପୂର୍ଣ୍ଣ ରହିଛି। ବ୍ଲକରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଓ ସହାୟତା ପ୍ରମାଣପତ୍ରର ଯାଂଚ୍ କରିବା, କୌଣସି ଅଭିଯୋଗ ଆସିଲେ ତାହାର ତଦନ୍ତ କରିବା, ଶିଶୁ ଶ୍ରମିକ ନିଯୋଜନକୁ ରୋକିବା, ଶ୍ରମିକଙ୍କୁ ନିର୍ଯାତନାର ତଦନ୍ତ କରିବା ସହ ତୃଣମୂଳ ସ୍ତରରେ କାର୍ଯ୍ୟ କରିଥାନ୍ତି। ଜିଲ୍ଲାରେ ଏହି ପଦବୀ ଖାଲି ପଡିଥିବା ବେଳେ ଏଥିରେ ଆଜି ପର୍ଯ୍ୟନ୍ତ କୌଣସି ନିଯୁକ୍ତି ଦିଆଯାଉ ନାହିଁ। ସରକାର ଏଥିପ୍ରତି ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନଥିବା ଦେଖିବାକୁ ମିଳିଛି। କେବଳ ଜିଲ୍ଲା କାର୍ଯ୍ୟାଳୟରେ ଆଉଟୋସୋର୍ସିଂରେ ୪ ଜଣ କର୍ମଚାରୀ କାମ କରୁଛନ୍ତି । ସୂଚନା ଅନୁଯାୟୀ, ଜିଲ୍ଲାରେ ୫୪ ହଜାର ୧୮୫ ଜଣ ନିର୍ମାଣ ଶ୍ରମିକ ପଞ୍ଜୀକରଣ କରିଥିବା ବେଳେ ୧୧୦୭୭ ଜଣ ଅଣ ସଂଗଠିତ ଶ୍ରମିକ ରହିଛନ୍ତି। ଏଥିସହ ଶ୍ରମ ଆଇନ ବିରୋଧରେ କାର୍ଯ୍ୟ ହେଉଥିବା ସ୍ଥାନରେ ଚଢ଼ଉ ପାଇଁ ଅଧିକାରୀଙ୍କ ଆବଶ୍ୟକତା ରହିଛି। ମାଲକାନଗିରି ଜିଲ୍ଲାରୁ ଦାଦନ ଖଟିବା ପାଇଁ ଲୋକେ ଆନ୍ଧ୍ରପ୍ରଦେଶ, କେରଳ ଓ ତାମିଲନାଡୁ ରାଜ୍ୟକୁ ଯାଉଥିବା ବେଳେ ସେମାନଙ୍କୁ ରୋକିବା ପାଇଁ ମଧ୍ୟ ଅଧିକାରୀ ନାହାନ୍ତି। ଶ୍ରମ କାର୍ଯ୍ୟାଳୟ ଗୁଡିକରେ ଖାଲି ପଡିଥିବା ପଦବୀରେ ନିଯୁକ୍ତି ପ୍ରଦାନ କରିଲେ ଦଲାଲ ମାନଙ୍କୁ ରୋକିବା, ଶ୍ରମ ଆଇନର ଅବମାନନା କରୁଥିବା ଲୋକଙ୍କୁ କାବୁ କରିବା, ନିର୍ମାଣ ଶ୍ରମିକ ପଞ୍ଜୀକରଣ ସୁଚାରୁ ରୂପେ ହୋଇ ପାରିବ ବୋଲି ସାଧାରଣରେ ଦାବି ହେଉଛି।

# ଦୋରାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବନ ମହୋତ୍ସବ- ୨୦୨୩ ଉଦଘାଟିତ

ମାଲକାନଗିରି , (ପି.ଏନ): ଓଡ଼ିଶା ସରକାରଙ୍କ ବନ ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ଆନୁକୁଲ୍ୟରେ ସୋମନାଥପୁର ବନ ବିଭାଗ ଓ ବ୍ଲକ ଶିକ୍ଷା ଅଧିକାରୀ ଚିତ୍ରକୋଣ୍ଡାଙ୍କ ମିଳିତ ସହଯୋଗରେ ଦୋରାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ୨୦୨୩ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ଦୋରାଗୁଡା ରାଜସ୍ୱ ଗ୍ରାମ ଅନ୍ତର୍ଭୁକ୍ତ ସମସ୍ତ ଗ୍ରାମବାସୀ, ଜଙ୍ଗଲ ସଂରକ୍ଷଣ ଦାୟିତ୍ୱରେ ନିୟୋଜିତ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ତଥା ନିର୍ବାଚିତ ଜନ ପ୍ରତିନିଧି ଯୋଗଦାନ କରି ଉତ୍ସବକୁ ସଫଳ କରିଥିଲେ। ଆୟୋଜିତ ବୈଠକରେ କୁଡୁମୁଲୁଗୁମ୍ମା ମାଟିର ଯୁବ କବି ତଥା ସାହିତ୍ୟିକ, ଶିକ୍ଷକ ବଳରାମ ପୂଜାରୀ ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାଧବ ମାଢୀ, ସମ୍ମାନୀତ ଅତିଥି ଭାବେ ଓ୍ୱାଡ଼ମେମ୍ବର ହରି ମାଢୀ, ତ୍ରିନାଥ ମାଢୀ, ସମ୍ୱନ୍ଧ ମାଢୀ, ମାଧ୍ୱ ଆଦବାରୀ, ଉକ୍ତ ଦାଶା, ବନ ମହୋତ୍ସବର ଆବାହକ ଶଶାଙ୍କ କୁମାର ଦାଶ, ଫରେଷ୍ଟ ଗାର୍ଡ, ସୋମନାଥପୁର ସେକ୍ସନ, ସ୍ନିଗ୍ଧା ପ୍ରୀୟଦର୍ଶିନୀ ନାୟକ, ଫରେଷ୍ଟ ଗାର୍ଡ, ସୋମନାଥପୁର ସେକ୍ସନ, ସସ୍ମିତା ବେହେରା, ଫରେଷ୍ଟ ଗାର୍ଡ, ହାତିଆମ୍ବ ବିଟ୍, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦୁମତୀ ମାଢୀ ଓ ସହକାରୀ ଶିକ୍ଷୟିତ୍ରୀ ମାଳାବିକା ସ୍ୱାଇଁ ଉପସ୍ଥିତ ଥିଲେ ।ଶିକ୍ଷକ ତଥା କବି ଶ୍ରୀ ପୂଜାରୀ ବୈଠକରେ ପୌରହିତ୍ୟ କରି ସାମ୍ପ୍ରତିକ ସ୍ଥିତିରେ ଜଙ୍ଗଲ ଓ ଜଙ୍ଗଲ ଜନ୍ତୁ ମାନଙ୍କୁ ସୁରକ୍ଷା କେତେ ଯେ ଜରୁରୀ ହୋଇପଡିଛି, ଉପସ୍ଥାପନା କରିବା ସହ, ବୃକ୍ଷରୋପଣ କରି ପୁନଶ୍ଚ ପୃଥିବୀ ପୃଷ୍ଠକୁ ସବୁଜିମାରେ ଭରିଦେବାକୁ ଆହ୍ୱାନ ଦେଇଥିଲେ। ଆବାହକ ତଥା ବନରକ୍ଷୀ ଶଶାଙ୍କ କୁମାର ଦାଶ ଜଙ୍ଗଲ ଓ ଏହାର ମଣିଷ ସମାଜ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ସାମାଜିକ ବନୀକରଣରେ ଜନସାଧାରଣଙ୍କ ପ୍ରମୁଖ ଭୂମିକା ବିଷୟରେ ଆଲୋଚନା କରିଥିଲେ। ବନରକ୍ଷୀ ସ୍ନିଗ୍ଧାରାଣୀ ପ୍ରୀୟଦର୍ଶନୀ ନାୟକ ଉପସ୍ଥିତ ଲୋକମାନଙ୍କୁ ବୃକ୍ଷରୋପଣ ସହ ଉପଯୁକ୍ତ ଯତ୍ନ ନେଲେ ହିଁ'' ମଣିଷ ସମାଜ ଓ ଏ ପୃଥିବୀ ରକ୍ଷା ପାଇବ ବୋଲି ମତପୋଷଣ କରିବା ସହ ମାଲକାନଗିରି ଜିଲ୍ଲା ବନଖଣ୍ଡ ଅଧିନରେ ସମସ୍ତ ଗ୍ରାମରେ ବ୍ୟାପକ ବୃକ୍ଷରୋପଣ କରି ସମଗ୍ର ମାଲକାନଗିରି ଜିଲ୍ଲାକୁ ତା''ର ସବୁଜିମା ଫେରାଇବାକୁ ଉଦ୍ବୋଧନ ଦେଇଥିଲେ। ଯୁବ ସଂଗଠକ ତ୍ରିନାଥ ମାଢୀ ସମଗ୍ର ଦୋରାଗୁଡା ଅଂଚଳରେ ବ୍ୟାପକ ଫଳଗଛ ଲଗାଇବା ସହ ଆଗାମୀ ପିଢ଼ି ମାନଙ୍କ ଭବିଷ୍ୟତ ନିର୍ଦ୍ଧାରଣରେ ବର୍ତ୍ତମାନ ଯୁବ ପିଢିଙ୍କ ଅବଦାନକୁ ମନେ ପକାଇଦେଇଥିଲେ। ଶେଷରେ ସମସ୍ତ କର୍ମକର୍ତ୍ତା ଓ ଅତିଥି ମାନଙ୍କ ଗହଣରେ ବିଦ୍ୟାଳୟ ପରିସରରେ ଆମ୍ବ, ଲେମ୍ବୁ, ସ୍ୱର୍ଣ୍ଣ ଚମ୍ପା, କଦମ୍ବ, ପିଜୁଳି ଓ ଔଷଧୀୟ ବୃକ୍ଷ ସବୁ ରୋପଣ କରାଯାଇଥିଲା। ବନ ବିଭାଗର ଅଧିକାରୀମାନେ ଏହି ବୃକ୍ଷ ମାନଙ୍କ ଯତ୍ନ ନେବା ସହ ଜଙ୍ଗଲ ବିଭାଗ ପକ୍ଷରୁ ବିଧି ବ୍ୟବସ୍ଥା ମୁତାବକ ଯାହା ସହଯୋଗ ଆବଶ୍ୟକ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ପୋତି ହେବାକୁ ବସିଲାଣି ସତୀଗୁଡା ଜଳଭଣ୍ଡାର, ପୁନଃଉଦ୍ଧାର ପାଇଁ ଦାବୀ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ସଦର ମହକୁମା ନିକଟରେ ରହିଛି ସତୀଗୁଡା ଜଳଭଣ୍ଡାର । ଯାହା ବର୍ତ୍ତମାନ ଲୋକଙ୍କ ପାଇଁ ଏକ ଦର୍ଶନୀୟ ସ୍ଥାନ ପାଲିଟିଛି । ସେତେବେଳେ ଶହ ଶହ ବଙ୍ଗୀୟ ଶରଣାର୍ଥୀ ପରିବାରଙ୍କୁ ମାଲକାନଗିରି ଠାରେ ଥଇଥାନ କରାଯିବା ସମୟରେ ସେମାନଙ୍କ ଚାଷଜମିକୁ ଜଳଯୋଗାଣ ଉଦ୍ଦେଶ୍ୟରେ ସତୀଗୁଡ଼ା ଜଳଭଣ୍ଡାର ନିର୍ମାଣ କରାଯାଇଥିଲା । ତେବେ ବର୍ତ୍ତମାନ ଏହି ଜଳଭଣ୍ଡାରଟି ଏବେ ଧିରେ ଧିରେ ପୋତି ହେବାରେ ଲାଗିଛି ।୧୯୬୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଏହି ଜଳଭଣ୍ଡାରର ଉଦ୍ଘାଟନ କରିଥିଲେ । ସେହି ସମୟରେ ଜଳଭଣ୍ଡାର ନିର୍ମାଣ ପାଇଁ ପ୍ରାୟ ୧୭ କୋଟିରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଜଳଭଣ୍ଡାର ନିର୍ମାଣ ପରେ ଡାହାଣ ଓ ବାମ କେନାଲ ମାଧ୍ୟମରେ ଚାଷୀଙ୍କ ଜମିରେ ସୁରୁଖୁରୁରେ ଜଳ ଯୋଗାଇ ଦେବା ପାଇଁ ପ୍ରକଳ୍ପ ନିର୍ମାଣ ହୋଇଥିଲା । ଏହି ଜଳଭଣ୍ଡାରରୁ ଖରିଫ ଋତୁରେ ୯,୦୬୫ ହେକ୍ଟର ଚାଷଜମିକୁ ଜଳ ଯୋଗାଣର ବ୍ୟବସ୍ଥା ରହିଥିଲା । ସେହିଭଳି ରବି ଋତୁରେ ୪,୫୩୫ ହେକ୍ଟର ଜମିରେ ଜଳ ଯୋଗାଇବାର ବ୍ୟବସ୍ଥା ରହିଛି । ଏହାସହ ସେହି ସମୟରେ ଦଣ୍ଡକାରଣ୍ୟ ପ୍ରୋଜେକ୍ଟ ଆରମ୍ଭ ହେବାପରେ ମାଲକାନଗିରି ସହରରେ ଥିବା ପ୍ରୋଜେକ୍ଟର ୪୦୦ରୁ ୫୦୦ ଷ୍ଟାଫ୍ କ୍ୱାଟର ଗୁଡିକୁ ଏହି ଜଳଭଣ୍ଡାରରୁ ପାଣି ଦିଆଯାଇଥିଲା । ଏବେ ମାଲକାନଗିରି ମୁନିସିପାଲଟିର ୫,୭୬୦ ଘରକୁ ପ୍ରତିଦିନ ୬.୩୦ ମିଲିୟନ ଲିଟର ଓ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ ୨ ଲକ୍ଷ ଲିଟର ପାଣି ସତୀଗୁଡା ଜଳଭଣ୍ଡାରରୁ ଯୋଗାଇ ଦିଆଯାଉଛି । ଚାଷୀଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ଏବେ ମାଲକାନଗିରି ସହରବାସୀଙ୍କ ଶୋଷ ମେଂଟାଉଥିବା ଦେଖାଯାଉଛି । ଏହି ଜଳ ଯୋଗାଣ ନିମନ୍ତେ ସତୀଗୁଡା ଜଳସେଚନ ବିଭାଗ ପ୍ରତି ୟୁନିଟ ୧ କ୍ୟୁବିକ୍ ମିଟର ପିଛା ୪୪ ପଇସା ନେଉଥିବା ପୌରପରିଷଦରୁ ସୂଚନା ମିଳିଛି । ତେବେ ବର୍ଷା ଜଳ ଉପରେ ଜଳଭଣ୍ଡାର ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ ଦୁର୍ଭାଗ୍ୟବଶତଃ ଯଦି କମ୍ ବର୍ଷା ହୁଏ, ତେବେ ଜଳ ଯୋଗାଣରେ ବାଧା ସୃଷ୍ଟି ହେଉଥିବା ବିଗତ ଦିନରେ ଦେଖାଯାଇଛି । ଯଦି ଆବଶ୍ୟକ ପରିମାଣରେ ବର୍ଷା ନହୁଏ, ତେବେ ଚାଷ ଜମି ତ ଦୂରର କଥା ସହରକୁ ଜଳ ଯୋଗାଇବା କଷ୍ଟକର ହେବ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି । ଉକ୍ତ ଜଳଭଣ୍ଡାରରୁ ୨୧୮ ଜଣ ପଞ୍ଜିକୃତ ମତ୍ସ୍ୟଜୀବୀ ମାଛ ଧରି ଜୀବିକା ନିର୍ବାହ କରନ୍ତି । ତେବେ ଏହି ଜଳଭଣ୍ଡାର ବର୍ତ୍ତମାନ ମାଟିରେ ପୋତି ହୋଇ ଯାଉଥିବାରୁ ଆଗାମୀ ଦିନରେ ଚାଷୀ ଓ ସହରବାସୀଙ୍କ ଜଳଯୋଗାଣ ପ୍ରକଳ୍ପକୁ ପୁନଃଉଦ୍ଧାର କରା ନଗଲେ ଜଳସଂକଟ ଉଗ୍ରରୂପ ଧାରଣ କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଣୁ ଜଳଭଣ୍ଡାରର ପୁନଃଉଦ୍ଧାର ପାଇଁ ଏକ ଟିମ୍ ଗଠନ କରି ଏହାକୁ ଭଲଭାବେ ଅନୁଧ୍ୟାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Bhubaneswar Wednesday July 05, 2023 | ଭୁବନେଶ୍ୱର ବୁଧବାର, ଜୁଲାଇ ୦୫,୨୦୨୩ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



# ବଡ଼ଚଣା ବିଜେଡ଼ିରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବିଭେଦ କାରୀ ଗୋଷ୍ଠୀଙ୍କୁ ବରଦାସ୍ତ କରାଯିବ ନାହିଁ



ଦର୍ପଣ,(ପିଏନ୍): ଦୀର୍ଘ ୨୩ବର୍ଷ ଧରି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିକାଶର ଧାରା କ୍ରମାଗତ ଭାବରେ ବଢିଚାଲିଥିବାବେଳେ ବଡ଼ଚଣାରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ବଡ଼ଚଣା ଆଜି ବିକାଶର ଶୀଖର ସୋପାନରେ ପହଂଚି ପାରିଛି। ମାତ୍ର ଏହି ବିକାଶକୁ କେତେକ ବିରୋଧକାରୀ ଗୋଷ୍ଠୀ ଅସହିଷ୍ଣୁ ହୋଇ ବିକାଶରେ ବାଧା ସୃଷ୍ଟି କରିବାପାଇଁ ଉଦ୍ୟମ କରୁଛନ୍ତି। ତାଙ୍କର ଏହି ଉଦ୍ୟମକୁ ସଫଳ କରିବାକୁ ଦିଆଯିବ ନାହିଁ ବୋଲି ଆଜି ବଡ଼ଚଣା ବିଜୁଜନତା ଦଳ ତରଫରୁ ଚଣ୍ଡିଖୋଲ ଛକ ସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି । ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ବଡ଼ଚଣାରେ ଯେଉଁ ବିକାଶ ଧାରା ଚାଲିଛି ସେହି ବିକାଶ ଧାରାରେ ସାମିଲ ହୋଇ ବଡ଼ଚଣାକୁ ଏକ ଶାନ୍ତ ସମୃଦ୍ଧ ସବୁଜିମା ଓ ବିକଶିତ ବଡ଼ଚଣାରେ ପରିଣତ କରିବାପାଇଁ ବିରୋଧକୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ମତପ୍ରକାଶ ପାଇଛି। ୬ଥର ଧରି ବଡୁଚଣାର ବିଧାୟକ ହୋଇଥିବା ଶ୍ରୀଯୁକ୍ତ ଶତପଥୀଙ୍କ ନେତୃତ୍ୱରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି କ୍ଷେତ୍ରରେ ପ୍ରଭୁତ ବିକାଶ ହୋଇଥିବା ସହିତ ସିହାଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ, ବିବି କଲେଜକୁ ସ୍ୱୟଂଶାସିତ ମାନ୍ୟତା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ସମେତ ପର୍ଯ୍ୟଟନ ବିକାଶ ପାଇଁ ହୀରକତ୍ରିଭୂଜନର ରାସ୍ତା କୃଷ୍ଣଦାସପୁର-ରତ୍ନଗିରି ପାଇଁ ୨୫କୋଟି ଟଙ୍କା ବ୍ୟୟବରାଦ, ବାଲିଚନ୍ଦ୍ରପୁର ବେଣାପୁର ରାସ୍ତାକୁ ପୂ ର୍ତ୍ତ ବିଭାଗକୁ ହସ୍ତାନ୍ତର , ଜନକ-ହଳଧରପୁର ନଦୀବନ୍ଧକୁ ପ୍ରଶସ୍ତିକରଣ, ଛତିଆ କଳକଳା ରାସ୍ତାର ଉନ୍ନତିକରଣ, ସ୍ୱାସ୍ଥ୍ୟସେବାରେ ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ୫ଟିରେ ସାମିଲ କରିବା, ଚଣ୍ଡିଖୋଲଠାରେ ମିନିଟ୍ରମାକେୟାର ପ୍ରତିଷ୍ଠା ଆଦି ବିକାଶର ଗୋଟିଏ ଗୋଟିଏ ମାଇଲଖୁଂଟ ହୋଇଥିବା ସମୟରେ କିଛି କୁଚକ୍ରୀ ଗୋଷ୍ଠୀ ଏହାକୁ ବରଦାସ୍ତ କରି ନପାରି ଦଳରେ ଏକ ସମାନ୍ତରାଳ ବୈଠକ କରି ଦଳକୁ ବଦନାମ କରିବା ପାଇଁ ଚେଷ୍ଟା କରିବା ସହିତ ଦଳର ଛାତ୍ର ବିଜେଡ଼ି ଓ ଯୁବ ବିଜେଡ଼ି କର୍ମୀକ ର୍ତ୍ତାଙ୍କ ଅଗୋଚରରେ ଜନ୍ମେଜୟ ଲେଙ୍କା ବିଭିନ୍ନ ସ୍ଥାନରେ ଯୁବ ଛାତ୍ର ସମ୍ମିଳନୀ କରିବା ଦଳରେ ବିଶୃଙ୍ଖଳା ସୃଷ୍ଟି କିରବାକୁ ଚେଷ୍ଟା କରୁଛନ୍ତି ବୋଲି ଏହି ସାମ୍ବାଦିକ ସମ୍ମଳନୀରେ ଅଭିଯୋଗ କରିଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ଯଥା ବିଜୁଜନତା ଦଳର ସଭାପତି ନବୀନ ପଟ୍ଟନାୟକ ସବୁବେଳେ ନୀତି, ନୈତିକତା ବିଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବାବେଳେ କେଉଁ ନୈତିକତା ଅଧାରରେ ଶ୍ରୀ ଲେଙ୍କା ଦଳର ଏକ ସମଷ୍ଟି ଶବ୍ଦକୁ ପାଶୋରୀ ଗୋଷ୍ଠୀ ରୂପ ଦେବାପାଇଁ ଚେଷ୍ଟା କରୁଛନ୍ତି ତାହା ପ୍ରଶ୍ନବାଚୀ? ଶ୍ରୀ ଲେଙ୍କା ଯଦି ଏଭଳି ସମାନ୍ତରଳ ବୈଠକ କରି ଦଳକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରି ଆଜିର ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଲେଙ୍କାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ରାଜ୍ୟ ନେତୃବୃନ୍ଦଙ୍କ ନିକଟରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ବ୍ଲକ ସଭାପତି ଅରବିନ୍ଦ ସାମଲ, ଯୁବବିଜେଡ଼ି ସଭାପତି ଗଣେଶ୍ୱର ବରାଳ, ଛାତ୍ରବିଜେଡ଼ି ସଭାପତି ଯତିନ୍ଦ୍ର ନାୟକ, ଉପସଭାପତି ନିରଞ୍ଜନ ସେନାପତି, ଜିଲ୍ଲା ବିଜେଡ଼ି ଉପସଭାପତି ଅମର ପ୍ରସାଦ ମହାନ୍ତି, କୋଷାଧ୍ୟକ୍ଷ ମିହୀର କୁମାର ସ୍ୱାଇଁ, ଯାଜପୁର ଜିଲ୍ଲା ବିଜେଡ଼ି ଉପସଭାପତି ସାରଦା ପ୍ରସନ୍ନ ମହାନ୍ତି, ବଡ଼ଚଣା ବିଜେଡ଼ି ସାଧାରଣ ସମ୍ପାଦକ ବିପୀନ ବିହାରୀ ଜେନା, ଯୁବ ନେତା ସଂଜୟ ସ୍ୱାଇଁ, ମସୀର ଆଲାମ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଲେଙ୍କା ଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବି କରିଛନ୍ତି ।

## ରୂପଶ୍ରୀ କଳାମନ୍ଦିର ପକ୍ଷରୁ ମାହାରୀ ନୃତ୍ୟ ଉତ୍ସବ

ଭୁବନେଶ୍ୱର,(ପି.ଏନ): ରୂପଶ୍ରୀ କଳାମନ୍ଦିର ପକ୍ଷରୁ ୧୧ତମ ବାର୍ଷିକ ମାହାରୀ ନୃତ୍ୟଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ଦିରର ଅନ୍ୟାନ୍ୟ ସେବା ପରି ମାହାରୀ ନୃତ୍ୟସେବା ଅନ୍ୟତମ । ଏହି ଉତ୍ସବରେ ଅନୁଷ୍ଠାନର ସଭାପତି, ଶିକ୍ଷାବିତ୍ ଡକ୍ଟର ଗଙ୍ଗୋତ୍ରୀ ଦେବୀ ମାହାରୀ ନୃତ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପରେପରେ ସମ୍ପାଦକ ଗୁରୁ ରୂପଶ୍ରୀ ମହାପାତ୍ର ମାହାରୀ ନୃତ୍ୟର ପ୍ରଚାର ଓ ପ୍ରସାର ପାଇଁ ପ୍ରୋତ୍ସାହନ ଆବଶ୍ୟକତା ହେଉଛି ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରାରମ୍ଭରେ ନୃତ୍ୟଶିଳ୍ପୀ ଦେବରୂପା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଉତ୍ସବରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ମାହାରୀ ପରମ୍ପରାକୁ ପ୍ରୋତ୍ସାହିତ କରାଯିବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ ।

## ଟାଇମ୍ସ ହାୟର ଏଜୁକେସନ୍ ୟଙ୍ଗ୍ ୟୁନିଭରସିଟି ର୍ୟାଙ୍କିଙ୍ଗ୍ : କିଟ୍ ୧୨ତମ ଶ୍ରେଷ୍ଠ ଭାରତୀୟ ବିଶ୍ୱବିଦ୍ୟାଳୟ



ଭୁବନେଶ୍ୱର,(ପି.ଏନ): କିଟ୍ ସର୍ବଦା ବିଭିନ୍ନ ର୍ୟାଙ୍କିଙ୍ଗ ଓ ମାନ୍ୟତାରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଆସିଛି। ପ୍ରତିବର୍ଷ ସମୟକୁ ସମୟ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ବିଭିନ୍ନ ମାନଦଣ୍ଡକୁ ନେଇ ମାନ୍ୟତା ପ୍ରଦାନ କରାଯାଇଥାଏ। ଓଡ଼ିଶାର ଏକମାତ୍ର ଅନୁଷ୍ଠାନ ଭାବେ କିଟ୍ ସର୍ବଦା ନିଜର ଗୁଣବତ୍ତା ଯୋଗୁଁ ଉନ୍ନତ ପ୍ରଦର୍ଶନ କରିଥାଏ। ମଙ୍ଗଳବାର ଟାଇମ୍ସ ହାଇଅର ଏଜୁକେସନ୍ ପକ୍ଷରୁ ପ୍ରକାଶ ପାଇଥିବା ୟଙ୍ଗ୍ ୟୁନିଭରସିଟି ର୍ୟାଙ୍କିଙ୍ଗ୍ ୨୦୨୩ରେ ସମଗ୍ର ବିଶ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ୧୫୧ରୁ ୨୦୦ ସ୍ଥାନ ମଧ୍ୟରେ ରହିଥିବା ବେଳେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୧୨ତମ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ପୂର୍ବରୁ ନିକଟରେ ପ୍ରକାଶିତ ଟାଇମ୍ସ ହାୟର ଏଜୁକେସନ୍ ଏସିଆ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍ ୨୦୨୩ରେ ମଧ କିଟ୍ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୧୩ତମ ସ୍ଥାନରେ ରହିଥିବା ବେଳେ ସମଗ୍ର ଏସିଆରେ ୧୪୭ତମ ସ୍ଥାନରେ ରହିଛି। କିଟ୍ ବିଶ୍ୱବିଦ୍ୟାଳୟ ୨୫ ବର୍ଷର ଶିକ୍ଷାନୁଷ୍ଠାନ ଓ ୧୯ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହା ଭାରତର ୫୦ବର୍ଷରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟଗୁଡିକର ସମକକ୍ଷ ହୋଇପାରିଛି। ଶିକ୍ଷାଦାନ ମାନ, ଗବେଷଣା କ୍ଷେତ୍ରରେ ସଫଳତା, ସାଇଟେସନ୍ ଇମ୍ପାକ୍ଟ ଅନ୍ତର୍ଜାତୀୟ ଆଉଟ୍ଲୁକ୍, ଇଣ୍ଡଷ୍ଟ୍ରି ଇନ୍କମ୍ ଆଦି ମାନଦଣ୍ଡ ଆଧାରରେ ଟାଇମ୍ସ ହାୟର ଏଜୁକେସନ୍ ପକ୍ଷରୁ ୟଙ୍ଗ୍ ୟୁନିଭରସିଟି ର୍ୟାଙ୍ଗିଙ୍ଗ୍ କରାଯାଇଥାଏ। ଏହି ସଫଳତା ପାଇଁ କିଟ୍‌ର ସମସ୍ତ ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସମାନ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କିଟ୍‌ର ଉଲ୍ଲେଖନୀୟ ସଫଳତା ପଛରେ ଶ୍ରୀ ସାମନ୍ତଙ୍କ ଦୂରଦୃଷ୍ଟି ଏବଂ ଉତ୍ସର୍ଗୀକୃତ ତ୍ୟାଗର ପ୍ରମୁଖ ଭୂମିକା ରହିଛି ବୋଲି ପ୍ରକାଶ କରିଛନ୍ତି।

## ଦରଦାମ ବୃଦ୍ଧି, ଶ୍ରମିକ ଛଟେଇ, ଶ୍ରମକୋର୍ଡ଼ ବାତିଲ ଦାବିରେ ଅଗଷ୍ଟ ୯ ରେ କେନ୍ଦ୍ରୀୟ ସଂଗଠନଙ୍କ ମୋଦି ସରକାର ବିରୋଧରେ ବ୍ୟାପକ ଅଭିଯାନ କରାଯିବ

ଭୁବନେଶ୍ୱର, (ପି.ଏନ) : ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ଏକ ବୈଠକ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶଶଖା କାର୍ଯ୍ୟାଳୟରେ ପୂର୍ବତନ ସାଂସଦ, ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ ୯ ତାରିଖରେ ଭୁବନେଶ୍ୱର ଠାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କର ଏକ ବିରାଟ ଶ୍ରମିକ ସମାବେଶ କରାଯିବା ଲାଗି ସ୍ଥିର କରାଯାଇଛି। ଏହା ପୂର୍ବରୁ ୩୦ ଟି ଜିଲ୍ଲା ମାନଙ୍କରେ ଜିଲ୍ଲା ସମ୍ମିଳନୀ କରାଯିବା ସହିତ ମୋଦୀ ସରକାରର ବ୍ୟାପକ ଶ୍ରମିକ, କୃଷକ ଓ ଜନ ବିରୋଧି ନୀତିକୁ ନେଇ ବ୍ୟାପକ ଅଭିଯାନ କରାଯିବ। ବିଭିନ୍ନ ଶିଳ୍ପାଞ୍ଚଳ, ବ୍ଲକ, ପଞ୍ଚାୟତରେ ବ୍ୟାପକ ପ୍ରାଚୀର ଲିଖନ, ପଦଯାତ୍ରା, ପ୍ରଚାର ପତ୍ର ବଂଟନ କରାଯିବ ବୋଲି ନିଷ୍ପତି ସହିତ ବ୍ୟାଙ୍କ, ବୀମା ପ୍ରତିଷ୍ଠାନର କର୍ମଚାରୀ ମାନଙ୍କୁ ସାମିଲ କରାଯାଇ ଅଗଷ୍ଟ ୯ କାର୍ଯ୍ୟକ୍ରମକୁ ସଫଳ କରାଯିବ। ଏହି ବୈଠକରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ନେତା-କିଶୋର ଜେନା, ଏ.ଆଇ.ଟି.ୟୁ.ସିର ନେତା- ବିଜୟ ଜେନା, ଏଚ୍. ଏମ୍.ଏସ ନେତା- କୃଷ୍ଣଚନ୍ଦ୍ର ପାତ୍ର, ସି.ଆଇ.ଟି.ୟୁ.ର ନେତା-ବିଷ୍ଣୁ ମହାନ୍ତି, ଏ.ଆଇ.ୟୁ.ଟି.ୟୁ.ସିର ନେତା- ଜୟସେନ ମେହେର, ଏ.ଆଇ.ସି.ସି.ଟି.ୟୁର ନେତା- ମହେନ୍ଦ୍ର ପରିଡ଼ା, ଟି.ୟୁ.ସି.ସିର ନେତା- ଜ୍ୟୋତି ରଞ୍ଜନ ମହାପାତ୍ର, ସେୱାର ନେତ୍ରୀ- ପରିଳତା ମହାପାତ୍ର ଓ ଏଲ.ପି.ଏଫ୍ ନେତା- ମନୋରଞ୍ଜନ ମହାରଣା ଏବଂ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ଯୁଗ୍ମ ସାଧାରଣ ସଂପାଦକ- ସତ୍ୟବ୍ରତ ନାୟକ, ସମ୍ପାଦିକା – ପ୍ରଣତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷଙ୍କ ବିୟୋଗରେ ଶୋକସଭା

ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ.କେ.ସି.ସ୍ୱାଇଁଙ୍କ ଗତ ଜୁନ ୩୦ ତାରିଖ ଦିନ ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଡ. ସ୍ୱାଇଁ ପାରାଦୀପ ମହାବିଦ୍ୟାଳୟର ୨ଥର ଅଧକ୍ଷ ପଦରେ ରହିଥବଲେ । ତାଙ୍କ ବିୟୋଗରେ ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷା ଡ. ସସ୍ମିତା ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଗଣିତ ବିଭାଗ ପ୍ରଧାପକ ଅଜୟ କୁମାର ମିଶ୍ର, ରସାୟନ ବିଜ୍ଞାନ ପ୍ରଧାପକ ସ୍ୟାମଗୋବିନ୍ଦ ଜେନା ଓ ପ୍ରଧାପିକା ଡ. ସ୍ମିତା ବିଶ୍ୱାଳ, ଏନସିସି କମାଣ୍ଡର ତଥା ଇତିହାସ ବିଭାଗ ପ୍ରଧାପକ ଅକ୍ଷୟ ଚନ୍ଦ୍ର ମିଶ୍ର, ଇଂରାଜୀ ବିଭାଗ ଅଧାପକ ଗଣେଶ୍ୱର ପାତ୍ର ଏବଂ ବାଣିଜ୍ୟ ବିଭାଗ ଅଧାପକ ରଂଜନ କୁମାର ତ୍ରୀପାଠି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସ୍ୱାଇଁଙ୍କ ଅମାୟିକ ବ୍ୟକ୍ତିତ୍ୱ ଓ ପ୍ରତିଭା ସମ୍ପର୍କରେ ସୂଚନା ଦେଇଥିଲେ ।

## ଅନୁବାଦ ଯୋଗୁଁ ଭାଷାଗତ ଦୂରତା ଦୂର ହୋଇପାରିଛି

ଭୁବନେଶ୍ୱର,(ପି.ଏନ):ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଅନଲାଇନ୍ ମାଧ୍ୟମରେ ଆୟୋଜିତ ୧୪ତମ ଅନୁବାଦ ସାହିତ୍ୟ ଆଧାରିତ ଆଲୋଚ୍ନାଚ୍କ୍ର ଓ ଅନୂଦିତ ବହୁଭାଷୀ କାବ୍ୟପାଠ ଅନୁଷ୍ଠିତ ହୋଇଅଛି। ଅନୁଷ୍ଠାନର ସଂପାଦକ ଶରତ ଚ୍ନ୍ଦ୍ର ଆଚ୍ାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭାରତୀୟ ଅନୁବାଦକ ପ୍ରଦୀପ କୁମାର ଦାଶ , ଚ୍ିତ୍ତରଞ୍ଜନ ବ୍ରହ୍ମା, ମଂଜୁଳା ଆସ୍ଥାନା ମହାନ୍ତି,ଡ. ସଂଜୟ କୁମାର ମିଶ୍ର ଆଲୋଚ୍କ ଭାବେ ଯୋଗଦେଇ ଯଥାକ୍ରମେ ଅନୁବାଦରେ ମୂଳ ଲେଖକ ଏବଂ ଅନୁବାଦକ ମଧ୍ୟରେ ସନ୍ତୁଳନର ଆବଶ୍ୟକତା, ଅନୁବାଦକ ଜଣେ ସର୍ଜନଶୀଳ ସ୍ରଷ୍ଟା, ଅନୁବାଦ ଶବ୍ଦାନୁଗାମୀ ଅଟେ ନା ସ୍ୱତନ୍ତ୍ର, ଭାରତୀର ସାଂସ୍କୃତିକ ଏକତା ଦିଗରେ ଅନୁବାଦର ଭୂମିକା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚ୍ନା କରିଥିଲେ। ପ୍ରତ୍ୟେକ ଭାଷାର ନିଜସ୍ୱ ରୂପ ଓ ଶୈଳୀଗତ ବିଶେଷତା ଅଛି। ଭାରତ ପରି ବହୁଭାଷୀ ରାଷ୍ଟ୍ରରେ ସାମାଜିକ, ସାଂସ୍କୃତିକ, ଆର୍ଥିକ ବିକାଶ କ୍ଷେତ୍ରରେ ଅନୁବାଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଶେଷତଃ ଅନୁବାଦ ଯୋଗୁଁ ଭାଷାଗତ ଦୂରତା ଦୂର ହେଇପାରିଛି। ଯଥାର୍ଥ ଅନୁବାଦ ନିମନ୍ତେ ଅନୁବାଦକ ସ୍ରୋତଭାଷାର ସାଂସ୍କୃତିକ, ସାହିତ୍ୟିକ,ଐତିହାସିକ ପୃଷ୍ଠଭୂମି ବିଷୟରେ ସଂପୂର୍ଣ୍ଣ ଅବଗତ ରହିବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ଭାରତୀୟ ଭାଷାର ଯୁବ ତଥା ବରିଷ୍ଠ ଅନୁବାଦକମାନଙ୍କୁ ନେଇ ମିତା ପଟ୍ଟନାୟକ ଏବଂ ଜୟଶ୍ରୀ ଦୋରାଙ୍କ ସଂଯୋଜନାରେ ଅନୂଦିତ ବହୁଭାଷୀ କାବ୍ୟପାଠ ଅନୁଷ୍ଠିତ ହୋଇଥିଲା। ଏହି କାବ୍ୟପାଠ ରେ ଜାମ୍ମୁ କାଶ୍ମୀରରୁ ଡା. ଆଦର୍ଶ ପ୍ରକାଶ,କେରଳରୁ ଡ. ଆର୍. ଶଶୀଧରନ୍ , ଆସାମରୁ ଗାୟତ୍ରୀ ଦେବୀ ବୋରଠାକୁର ଓ ଉତ୍ପଳ ଡେକା, କୋଲକାତାରୁ ଶ୍ରୀତନ୍ୟେ ଚ୍କ୍ରବର୍ତ୍ତୀ,ସନାତନ ମହାକୁଡ଼, ମହାରାଷ୍ଟ୍ରରୁ ପାରମିତା ଷଡ଼ଙ୍ଗୀ ଏବଂ ଓଡିଶାରୁ ଅଂଜୁମନ ଆରା,ସ୍ୱପ୍ନା ବେହେରା,ସଂଗୀତା ରଥ ପ୍ରମୁଖ ବିଭିନ୍ନ ଭାଷାର ଅନୁବାଦ କବିତା ପାଠ କରିଥିଲେ।

## ଯୁବକଙ୍କୁ ମାଡ ମାରିବା ଘଟଣା: ବିଡିଓଙ୍କ ଇସ୍ତଫା ଦାବୀରେ ବିଜେପିର ବିକ୍ଷୋଭ

ପାରାଦୀପ,(ପି.ଏନ): ରାସ୍ତା ଉପରେ ଜଣେ ଯୁବକଙ୍କୁ ଗତ ଜୁନ ୨୭ ତାରିଖ ଅପରାହ୍ନରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ମାଡ ମାରିବା ଘଟଣାର ଭିଡିଓ ଭାଇରାଲ ହେଲା ପରେ ସାଧାରଣରେ ଉତ୍ତେଜନା ବୃଦ୍ଧି ପାଇଛି । ଯାହାକୁ ନେଇ ମଙ୍ଗଳବାର ଦିନ ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେପି ଯୁବନେତା ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇଙ୍କ ସମେତ ବିଜେପିର ଶତାଧିକ ପୁରୁଷ, ମହିଳା ଓ ଯୁବମୋର୍ଚ୍ଚାର କର୍ମୀମାନେ ସାମିଲ ହୋଇ ଯଥାଶିଘ୍ର କୁଜଙ୍ଗ ବିଡିଓ ଙ୍କ ଇସ୍ତଫା ଓ ଘଟଣାର ତଦନ୍ତ କରି ପୋଲିସ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଦାବୀରେ ବିକ୍ଷୋଭ ଶୋଭାଯାତ୍ରା ପ୍ରଦର୍ଶନ କରିଥିଲେ।

## ରାଉରକେଲାରେ ଓଡ଼ିଶା ମିଲେଟ ମିଶନର ଚିତ୍ତାକର୍ଷକ ଇଭେଣ୍ଟ



ରାଉରକେଲା,(ପି.ଏନ) : ଓଡ଼ିଶା ମିଲେଟ ମିଶନ ପକ୍ଷରୁ ରାଉରକେଲାରେ ସ୍ଥାନୀୟ ଲୋକମାନଙ୍କ ପାଇଁ ଏକ ସ୍ମରଣୀୟ ଇଭେଣ୍ଟର ଆୟୋଜନ କରାଯାଇଥିଲା। ଜୁଲାଇ ୧ ଓ ୨ ତାରିଖ ଦିନ ରାଉରକେଲାସ୍ଥିତ ପ୍ଲୋଟୋନ୍ ସପିଂ ମଲରେ 'ଓଡ଼ିଶା ମିଲେଟ ବିଷୟରେ ଜାଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଆତ୍ମା ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଜିଲ୍ଲା କୃଷି ଅଧିକାରୀ ଉପସ୍ଥିତ ଥିଲେ। ମିଲେଟର ଉପକାରିତା ବିଷୟରେ ଲୋକଙ୍କୁ ଜଣାଇବା ଓ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆୟୋଜକମାନେ ଓଡ଼ିଶା ମିଲେଟ ମିଶନର ଉଦ୍ଦେଶ୍ୟ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ବିଭିନ୍ନ ଆଞ୍ଚଳିକ କାର୍ଯ୍ୟକ୍ରମ ତଥା ହାସ୍ୟାଭିନୟ ଜରିଆରେ ଅସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସର ଅପକାରିତା ସମ୍ପର୍କରେ ଦର୍ଶକମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ 'ଜୀବନଜ୍ୟୋତି' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସେଠାରେ ଉପସ୍ଥିତ ଦୋକାନୀମାନଙ୍କୁ ମିଲେଟରୁ ପ୍ରସ୍ତୁତ ବିଭିନ୍ନ ମିଠା ଏବଂ କୁକିଜ୍ ପ୍ରସ୍ତୁତ କରି ବଣ୍ଟନ କରିଥିଲେ।ଜଣାଶୁଣା ଟିଭି ଏବଂ ଚଳଚ୍ଚିତ୍ର ହାସ୍ୟାଭିନେତା ସୁଜିତ କୁମାର ଜେନା, ଚାନ୍ଦିନୀ ଏବଂ ଡଲି କମେଡ଼ି ଦ୍ୱାରା ଲୋକଙ୍କୁ ବାନ୍ଧି ରଖିଥିଲେ ଓ ମିଲେଟର ଉପକାରିତା ବିଷୟରେ ସଚେତନ କରାଇଥିଲେ। ପ୍ରଖ୍ୟାକତ ଗାୟକ କୁଳଦୀପ ଲୋକମାନଙ୍କୁ ଭରପୂର ମନୋରନ ଯୋଗାଇଥିଲେ। ଓଡ଼ିଆ ଏବଂ ହିନ୍ଦୀ ଗୀତର ସଂଗୀତ ପରିବେଷଣ ଏହି ଇଭେଣ୍ଟକୁ ଆହୁରି ଜୀବନ୍ତ କରିଥିଲା। ସଂଗୀତର ତାଳେତାଳେ ଲୋକମାନେ ଝୁମୁଥିବା ଦେଖିବାକୁ ମିଳିଥିଲା।ଉଚ୍ଚସ୍ତରର ଉତ୍ସାହକୁ ବଜାୟ ରଖିବା ପାଇଁ ଓଡ଼ିଶା ମିଲେଟ୍ ମିଶନ ଭିନ୍ନ ଭିନ୍ନ କୌତୁକିଆ ଏବଂ ପ୍ରତିଯୋଗିତାମୂଳକ ଖେଳର ପରିକଳ୍ପନା କରିଥିଲା ଯାହା ଅଂଶ ଗ୍ରହଣକାରୀମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏହି ରୋମାଞ୍ଚକର ପ୍ରତିଯୋଗିତାର ବିଜେତାମାନେ ବିଭିନ୍ନ ଆକର୍ଷଣୀୟ ଉପହାର ଜିତିଥିଲେ। ଓଡ଼ିଶା ରାଜ୍ୟ ସରକାର ଏହି ଯୁଗାନ୍ତକାରୀ ପଦକ୍ଷେପ ମାଧ୍ୟମରେ ରାଜ୍ୟରେ ମିଲେଟର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଅଭିନବ ତଥା ରୋମାଞ୍ଚକର ଉପାୟ ଅବଲମ୍ବନ କରୁଛନ୍ତି। ଏହି ପ୍ରୟାସର ଏକ ଅଂଶ ଭାବରେ, ଓଡ଼ିଶାର ଶ୍ରେଷ୍ଠ ୨୦ ଟି ସହରରେ 'ଓଡ଼ିଶା ମିଲେଟ୍ ବିଷୟରେ ଜାଣ' ନାମ ଏକ ମନୋରନକାରୀ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଓଡ଼ିଶା ସରକାରଙ୍କ ଏହି ଅଭିନବ ପ୍ରୟାସ ଏକ ଶକ୍ତିଶାଳୀ ପ୍ଲାଟଫର୍ମ ପ୍ରତିଷ୍ଠା କରିଛି। ଏହି ଇଭେଣ୍ଟ କେବଳ ବ୍ୟାପକ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରେନାହିଁ। ବରଂ ରାଜ୍ୟ ବାସୀଙ୍କର ସ୍ୱାସ୍ଥ୍ୟ ତଥା କଲ୍ୟାଣ ଉପରେ ସ୍ଥାୟୀ ପ୍ରଭାବ ପକାଇବାର କ୍ଷମତା ରଖିଥାଏ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray